

ଯଦି ଆମେ ସତ୍ ଜୀବନ ଯାପନ କରିବାକୁ ଚାହିଁବା, ଆମକୁ ମନ ଭିତରେ ଅଳସୁଆମୀକୁ ତ୍ୟାଗ କରି କିଛି ଭଲ ଚିନ୍ତା କରିବାକୁ ପଡ଼ିବ। ତା' ହେଲେ ଆମର ଜୀବନ ଧାରା ସରଳ ହୋଇଯିବ।
- ମହାତ୍ମା ଗାନ୍ଧୀ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ତ୍ରିଦିବସୀୟ ଦିବ୍ୟଜୀବନ ସଂଘ ପ୍ରଶିକ୍ଷଣ ସାଧନା ଶିବିର, ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟ, ଖଣ୍ଡଗିରି, ସକାଳ ୬ଟା।
- ଆମେରିକାନ ଫେଡେରେଶନ ଅଫ ମୁସଲିମ୍ ଅଫ୍ ଇଣ୍ଡିଆନ ଓରିଜିନ (ଏଏଫ୍ଏମ୍ଆଇ) ଆୱାର୍ଡ ଉତ୍ସବ, ରେଳ ଅଡିଟୋରିୟମ, ମଞ୍ଚେଶ୍ୱର, ସକାଳ ୯ଟା ୩୦।
- ବାଣୀ ବିହାରର ଷ୍ଟାଟିଷ୍ଟିକ୍ସ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ସମ୍ମିଳନୀ, ଅଡିଟୋରିୟମ, ଇନଷ୍ଟିଚ୍ୟୁଟ ଅଫ ଫିଜିକ୍ସ, ପୂର୍ବାହ୍ନ ୧୦ଟା।
- ବିଶ୍ୱ ଓଡ଼ିଶୀ ଉତ୍ସବ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଅଡିଟୋରିୟମ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ରାଜ୍ୟ ଶିଶୁ ମଙ୍ଗଳ ପରିଷଦ ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ, ହୋଟେଲ କଳିଙ୍ଗ ଅଶୋକ, ପୂର୍ବାହ୍ନ ୧୧ଟା।
- ଅର୍ଗାନାଇଜେଶନ ଅଫ୍ ୟୁନାଇଟେଡ ୱାର୍କିଂ ଜର୍ନାଲିଷ୍ଟର ପ୍ରତିଷ୍ଠା ଦିବସ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ସୂର୍ଯ୍ୟ ପର୍‌ଫର୍ମାନ୍ସ ଲାବ୍ ପକ୍ଷରୁ 'ଓଡ଼ିଶା ବାଇନେଲ', କଳା ଭୂମି, ଓଡ଼ିଶା କ୍ରାଫ୍ଟସ୍ ମ୍ୟୁଜିୟମ, ପୂର୍ବାହ୍ନ ୧୧ଟା।
- ଜାତୀୟ ହସ୍ତଶିଳ୍ପ ତୋଷାଳି ମେଳା, ଜନତା ମଇଦାନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା ୩୦।
- ୟୁନିଟ-୮ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍କୁଲ ପରିସର, ଅପରାହ୍ନ ୩ଟା।
- ବକ୍ସି ଜଗବନ୍ଧୁ ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ, ସ୍କୁଲ ପରିସର, ବଡ଼ଗଡ଼, ଅପରାହ୍ନ ୪ଟା।
- କଳିଙ୍ଗ ଏଜୁକେଶନାଲ ଆଣ୍ଡ ସୋସିଆଲ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସିୱାଇଏସ୍‌ଡି ସଭାକକ୍ଷ, ଫରଚୁନ ଟାୱାର ସମ୍ମୁଖ, ଅପରାହ୍ନ ୪ଟା ୩୦।
- ୟୁନିଟ-୮ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ 'କ୍ଲିମ ଓଟେ' କର୍ମଶାଳା, ସ୍କୁଲ ପରିସର, ଅପରାହ୍ନ ୪ଟା ୩୦।
- ଆଲୋକ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ, ୟୁନିଟ-୩, ଖାରବେଳ ନଗର, ଅପରାହ୍ନ ୫ଟା।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ଓ ରବିଶା ଆର୍ଟ ଫାଉଣ୍ଡେଶନ ପକ୍ଷରୁ 'ସ୍ପେସ୍ ଆଣ୍ଡ ସ୍ପେସ୍', ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ଅପରାହ୍ନ ୫ଟା ୩୦।
- ଭୁବନେଶ୍ୱର କଳାକେନ୍ଦ୍ରର ସାଂସ୍କୃତିକ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ, କଳାକେନ୍ଦ୍ରର ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୧୬୩ତମ ଆଲୋଚନାଚକ୍ର, ଭାରତୀୟ ବିଦ୍ୟାଭବନ ସଭାଗୃହ, ଖାରବେଳ ନଗର, ସନ୍ଧ୍ୟା ୬ଟା।
- ଦି ମଦର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍କୁଲ ପରିସର, ବମିଖାଲ କେନାଲ ରୋଡ, ସନ୍ଧ୍ୟା ୬ଟା ୩୦।
- ତ୍ରୟୋଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ, ଚଉଷଠି ଯୋଗିନୀ ମନ୍ଦିର ପରିସର, ହୀରାପୁର, ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ବାଲିପାଟଣା ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**

- ବିଜ୍ଞାନମେଳା ଓ ମୀନାବଜାର, ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର, ପୂର୍ବାହ୍ନ ୧୧ଟା।
- ୫ମ ବାର୍ଷିକ ସାଇ ନାମ ସଂକୀର୍ତ୍ତନର କଳସଯାତ୍ରା, ଶ୍ରୀ ସାଇ କ୍ଷେତ୍ରପାଳ ସେବାଶ୍ରମ, ଇନ୍ଦ୍ରପାଳ, ଅପରାହ୍ନ ୫ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ସେବା ଯୋଗାଇବ ସିଟି ଆପ୍ 'ଭୁବନେଶ୍ୱର ଡଟ୍ ମି'

# ମିଳିବ ପାର୍କଠାରୁ ଐତିହ୍ୟସ୍ଥଳ ଯାଏ ତଥ୍ୟ

**ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ)**

ସ୍ମାର୍ଟସିଟି ଭୁବନେଶ୍ୱରକୁ ଆସୁଥିବା ପର୍ଯ୍ୟଟକ କିମ୍ବା ସହରରେ ରହୁଥିବା ବାସିନ୍ଦାଙ୍କୁ ଆଉ ପାର୍କ କିମ୍ବା ଐତିହ୍ୟସ୍ଥଳ ଖୋଜିବାକୁ ପଡ଼ିବନି। ସହରର ଯେକୌଣସି ସ୍ଥାନ ବିଷୟରେ ସୂଚନା ଦେବା ପାଇଁ ସ୍ମାର୍ଟସିଟି ପକ୍ଷରୁ ଏକ ସିଟି ମୋବାଇଲ୍ ଫୋନ୍ ଆପ୍ 'ଭୁବନେଶ୍ୱର ଡଟ୍ ମି' ପ୍ରସ୍ତୁତ ହୋଇଛି। ଏହି ଆପ୍ ମାଧ୍ୟମରେ ଲୋକେ ପାର୍କଗୁଡ଼ିକର ରେଟିଂ ସହ ମତାମତ ଦେଇପାରିବେ। ଏହାଦ୍ୱାରା କେଉଁ ପାର୍କରେ କ'ଣ ସମସ୍ୟା ରହିଛି ତାହା ଅଧିକାରୀଙ୍କ ଦୃଷ୍ଟିରେ ପଡ଼ିବା ସହିତ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ରବିବାର ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ) ପକ୍ଷରୁ ସୂଚନା ଦିଆଯାଇଛି।

ଦେଶର ପ୍ରଥମ ସହର ଭାବେ ଭୁବନେଶ୍ୱରରେ ଏହି ଡିଜିଟାଲ ପ୍ଲାଟଫର୍ମ ଆରମ୍ଭ କରାଯାଉଥିବାବେଳେ ପରବର୍ତ୍ତୀ ସମୟରେ ଅନ୍ୟ ସ୍ମାର୍ଟସିଟିଗୁଡ଼ିକରେ ଏପରି ଆପ୍ ଓ ବ୍ୟବସ୍ଥା ପ୍ରଚଳନ କରାଯିବ। ସହରକୁ ଆସୁଥିବା ଅତିଥି ବା ସହରର ନାଗରିକଙ୍କୁ ପାର୍କର ଅବସ୍ଥିତି ବିଷୟରେ ଜଣାଇବା ସହ ଏଠାରେ ଥିବା ମୌଳିକ ସୁବିଧା ସମ୍ବନ୍ଧରେ ଏହି ଆପ୍‌ରେ ସୂଚନା ମିଳିବ। ସ୍ମାର୍ଟସିଟିର ଏକ ଟିମ୍ ଏହି ଆପ୍ ପ୍ରସ୍ତୁତିରେ ଲାଗିପଡ଼ିଛି। ଏହି ପ୍ରସ୍ତାବିତ ଆପ୍ ଦ୍ୱାରା ରାଜଧାନୀର ପାର୍କ, ବଜାର, ଐତିହ୍ୟସ୍ଥଳ, ଜଳାଶୟ, ଜଳଧାର, ପରିବହନ ପାଇଁ ବ୍ୟବହୃତ ସ୍ଥାନ ଏବଂ ରାସ୍ତାଗୁଡ଼ିକ ସମ୍ପର୍କିତ ତଥ୍ୟ ଆଦି ରହିବ। ଏହି ଆପ୍ ଲୋକଙ୍କ ମତାମତ ଉପରେ ପର୍ଯ୍ୟବସିତ ହେବ ଓ ସମସ୍ତ ଅପ୍‌ଡେଟ ତଥା ମତାମତକୁ ମୂଳ ଡାଟାବେସରେ ପ୍ରଦର୍ଶିତ କରାଯିବ।




### ରେଟିଂ ସହ ମତାମତ ଦେବେ ଲୋକେ

ଉଲ୍ଲେଖଯୋଗ୍ୟ, ସ୍ମାର୍ଟସିଟି ମିଶନ ଅଧୀନରେ କାର୍ଯ୍ୟ କରୁଥିବା ସ୍ମାର୍ଟସିଟି ଫେଲୋମାନଙ୍କୁ ନେଇ ଗଠିତ ଟିମ୍ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟକରୁଛନ୍ତି। ଭିନ୍ନ ଭିନ୍ନ କ୍ଷେତ୍ରରୁ ଆସିଥିବା ଏହି ଫେଲୋମାନେ ଭାରତର ସମସ୍ତ ସ୍ମାର୍ଟସିଟି ଗସ୍ତକରି ଅଭିଜ୍ଞତା ଅର୍ଜନ କରୁଛନ୍ତି। ଏହାସହିତ ନୂଆ ନୂଆ ସୂତ୍ର ଏବଂ ଉପାଦାନଗୁଡ଼ିକୁ କାର୍ଯ୍ୟକାରୀ କରାଇବା ଯୋଜନାରେ ଅଛନ୍ତି।

ଅନ୍ୟପକ୍ଷରେ ସହରର ପିଲାମାନଙ୍କୁ ପାର୍କ ସହିତ ଜଡ଼ିତ ରଖିବା ପାଇଁ ରବିବାର ବିଏସ୍‌ସିଏଲ ପକ୍ଷରୁ ପୋଖରୀପୁଟସ୍ଥିତ ମଧୁସୂଦନ ପାର୍କରେ ଏକ ଚିତ୍ରାଙ୍କନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। 'ମାଇଁ ଡ୍ରିମ୍ ପାର୍କ' ନାମକ ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ପିଲାମାନେ ଭାଗନେଇ ଚିତ୍ରାଙ୍କନ କରିବା ସହ ନିଜେ ଚାହୁଁଥିବା ପାର୍କର ଭିନ୍ନ ପରିକଳ୍ପନା ଆଣିଥିଲେ।

# ଦୁର୍ଘଟଣାରେ ଜଳିଗଲା ବାଇକ୍, ଚାଳକ ମୃତ



**ବାଲିଅନ୍ତା, ୨୨।୧୨ (ଡି.ଏନ.ଏ.)**

ଭୁବନେଶ୍ୱର-କଟକ ରାସ୍ତାର ପାହାଳ ଫାଣ୍ଡି ଅଧୀନ ରୁଦ୍ରପୁରସ୍ଥିତ ଏକ ଶପିଂ ମଲ୍ ସମ୍ମୁଖରେ ରବିବାର ପୂର୍ବାହ୍ନ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଛି। ଗୁରୁତର ଆହତ ହୋଇଥିବା ବାଇକ୍ ଚାଳକଙ୍କ କଟକ-ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲିଅନ୍ତା ବ୍ଲକ ଜୟଦେବ ପଞ୍ଚାୟତ ସାହେବ ଗ୍ରାମର ବିକାଶ କୁମାର ପାଢ଼ୀ। ସୂଚନାଯୋଗ୍ୟ, ବିକାଶ ଏକ ବାଇକ୍ ଯୋଗେ କଟକରୁ ଭୁବନେଶ୍ୱର ଫେରୁଥିବାବେଳେ ଏକ ଟ୍ରକ ତାଙ୍କୁ ସାଇଡ୍ ମାଗିଥିଲା। ଟ୍ରକଟି ସାଇଡ କରି ଯିବାବେଳେ ବାଇକର ହ୍ୟାଣ୍ଡଲଟି ଲାଗି ଆଗକୁ ଟାଣି ହୋଇଯାଇଥିଲା। ଫଳରେ ବିକାଶ ଭାରସାମ୍ୟ ହରାଇ ରାସ୍ତା ଉପରକୁ ଛିଟିକି ପଡିଯାଇଥିବାବେଳେ ବାଇକ୍‌ଟି ଘଷି ହୋଇ ବହୁବାଟ ଯିବାରୁ ସେଥିରେ ନିଆଁ ଲାଗିଯାଇଥିଲା। ଖବରପାଇ ପାହାଳ ପିସିଆର ପହଞ୍ଚି ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମହାପାତ୍ର ନୀଳମଣି ସାହୁଙ୍କ ଜୟନ୍ତୀ ଉତ୍ସବ

# ହାସ୍ୟ ଭିତରେ ବି ଗଭୀର ତତ୍ତ୍ୱ



**ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ)**

ମହାପାତ୍ର ନୀଳମଣି ସାହୁ ଜଣେ ଅନନ୍ୟ କଥାଶିଳ୍ପୀ ଥିଲେ। ତାଙ୍କ ବ୍ୟକ୍ତିତ୍ୱ ଯେତିକି ବିଶାଳ ଥିଲା ତା'ଠାରୁ ଅଧିକ ସେ ଜଣେ ଦରଦୀ ହୃଦୟସଂପନ୍ନ ଉତ୍ତମ ମଣିଷ ଥିଲେ। ଓଡ଼ିଆ ଭାଷା, ସାହିତ୍ୟ ପ୍ରତି ତାଙ୍କର ଗଭୀର ଅବଦାନ ଥିଲା। ଗଳ୍ପ, ଉପନ୍ୟାସ, ନିବନ୍ଧ ଓ ରମ୍ୟ ରଚନା ସହ ଶିଶୁ ଓ କିଶୋର ସାହିତ୍ୟ ରଚନାରେ ସେ ପାରଙ୍ଗମ ଥିଲେ। ଓଡ଼ିଆରେ ପତ୍ରିକା ସଂପାଦନା ସାଙ୍ଗକୁ ଭାରତୀୟ ପ୍ରାଚୀନ ସାହିତ୍ୟର ପ୍ରଚାରରେ ସେ ବ୍ରତୀ ଥିଲେ। ତାଙ୍କ କୃତିଗୁଡ଼ିକରେ ହାସ୍ୟ, ବ୍ୟଙ୍ଗ ଭିତରେ ବି ଗଭୀର ତତ୍ତ୍ୱ ଓ ଦର୍ଶନ ଭରି ରହିଥିଲା ବୋଲି ବିଶିଷ୍ଟ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରବିବାର ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜୟନ୍ତୀ ସଭାରେ ଯୋଗଦେଇ ଆଚାର୍ଯ୍ୟ ଦିବଂଗତ ସାହିତ୍ୟିକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପଦ୍ମଭୂଷଣ କବି ଡ. ରମାକାନ୍ତ ରଥ କହିଥିଲେ, ଗ୍ରାମ୍ୟଜୀବନ ସହ ନିଜ ନିବିଡ଼ ପରିଚୟକୁ ନୀଳମଣି ତାଙ୍କ ସୃଷ୍ଟି ସମ୍ଭାରରେ ପ୍ରମାଣିତ କରୁଥିଲେ। ବିଭିନ୍ନ ଲେଖାର ଉଦାହରଣ ଦେଇ ନୀଳମଣିଙ୍କୁ ଜଣେ କବିତାମନସ୍କ କଥାଶିଳ୍ପୀ ଭାବରେ ଡ.ରଥ ଅଭିହିତ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକା ଡ. ଅର୍ଚ୍ଚନା ନାୟକ ଯୋଗଦେଇ କହିଥିଲେ, ମହାପାତ୍ର ନୀଳମଣି ସାହୁ ପୂଜ୍ୟପୂଜାରେ ବିଶ୍ୱସ୍ତ, ନିରଳସ ଓ ସତ୍ୟଶୀଳ ସାହିତ୍ୟିକ ଥିଲେ। ଲେଖାର ଚରିତ୍ରମାନଙ୍କ ସହିତ ଏକାତ୍ମ ହୋଇଯିବାର ଦୁର୍ଲ୍ଲଭ ଗୁଣ କେବଳ ତାଙ୍କ ପାଖରେ ରହିଥିଲା ବୋଲି ଡ. ନାୟକ କହିଥିଲେ। ରାଜ୍ୟରେ ଅରବିନ୍ଦଙ୍କ ବାଣୀ ପ୍ରଚାରରେ ନୀଳମଣି ଅନ୍ୟତମ କର୍ଣ୍ଣଧାର ଥିଲେ ବୋଲି ସେ ଏହି ଅବସରରେ କହିଥିଲେ। ମହାପାତ୍ର ନୀଳମଣି ସାହୁଙ୍କ ପୁତ୍ର ତଥା ଭାରତ ସରକାରଙ୍କ ଶିଳ୍ପୋନ୍ନତି ଏବଂ ଆଭ୍ୟନ୍ତରୀଣ ବ୍ୟାପାର ବିଭାଗର ସଚିବ ଡ. ଗୁରୁପ୍ରସାଦ ମହାପାତ୍ର ତାଙ୍କ ବକ୍ତବ୍ୟରେ ନୀଳମଣିଙ୍କୁ ଜଣେ ସଫଳ, ଶକ୍ତିଶାଳୀ ଓ ପ୍ରଭାବନ୍ତ କଥାକାର, ସଂପାଦକ ଓ ବନ୍ଧୁବତ୍ସଳ ସାରସ୍ୱତ ସାଧକ ଭାବେ ବର୍ଣ୍ଣନା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଭାଷାବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ସଂଯୋଜନା କରିଥିଲେ। ଏଥିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାପାତ୍ର ନୀଳମଣି ସାହୁଙ୍କ ସାହିତ୍ୟ ସାଧନା ଉପରେ ଆଲୋକପାତ କରିଥିଲେ। ସାହିତ୍ୟ ଏକାଡେମୀର ସଚିବ ଗାଳ୍ପିକା ଡ. ଜୟନ୍ତୀ ରଥ ସ୍ୱାଗତ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂଜୟ ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍କର୍ପିଓ ଧକ୍କାରେ ବାଇକ୍ ଚାଳକ ଗୁରୁତର

**ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ)**

ନୟାପଲ୍ଲୀ ଥାନା ଅଞ୍ଚଳରେ ଜଣେ ମଦ୍ୟପ ସ୍କର୍ପିଓ ଡ୍ରାଇଭରଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି।। ନିଶାସକ୍ତ ଚାଳକଙ୍କ କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ବାଇକ୍ ଚାଳକ ଜଣକ ହେଲେ ଚନ୍ଦ୍ରଶେଖରପୁର ଥାନା ବିଡିଏ କଲୋନୀ ନୀଳମାଧବ ବସ୍ତିର ପପୁ ବେହେରା(୨୯)। ତାଙ୍କ ଗୋଡ଼ ଭାଙ୍ଗିଯିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ପିସିଆର ଭ୍ୟାନ୍ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। କିନ୍ତୁ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ ପପୁ ଜଣେ ଦୁଗ୍ଧ ବ୍ୟବସାୟୀ। ରବିବାର ସକାଳ ୯ଟା ସମୟରେ ସେ ନିଜ ବାଇକରେ ବିଜୁ ପଟ୍ଟନାୟକ କଲେଜ ଦେଇ ଯାଉଥିବା ସମୟରେ ପଛରୁ ଆସୁଥିବା ଏକ ସ୍କର୍ପିଓ ତାଙ୍କୁ ଧକ୍କା ଦେଇ ପଳାଇବାକୁ ଉଦ୍ୟମ କରିଥିଲା। ପପୁ ରାସ୍ତା ଉପରେ ଗୁରୁତର ହୋଇପଡିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପୋଲିସକୁ ଜଣାଇଥିଲେ। ନୟାପଲ୍ଲୀ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ପଠାଇବା ସହ ଡ୍ରାଇଭରକୁ ଥାନାରେ ଅଟକ ରଖିଛି। ସ୍କର୍ପିଓକୁ ଜବତ କରାଯାଇଛି।

# ଚିତ୍ତରଞ୍ଜନ ପଟ୍ଟନାୟକଙ୍କୁ 'ଝୁମୁକା ପୁରସ୍କାର'



**ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ)**

ଶିଶୁ ସାହିତ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ସାହିତ୍ୟିକ ଚିତ୍ତରଞ୍ଜନ ପଟ୍ଟନାୟକଙ୍କୁ ୨୦୧୯ ମସିହା ଲାଗି 'ଝୁମୁକା ପୁରସ୍କାର' ପ୍ରଦାନ କରାଯାଇଛି। ରବିବାର ରେଡ୍‌କ୍ରସ ଭବନଠାରେ ଶିଶୁ କିଶୋର ପତ୍ରିକା ଝୁମୁକା ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ପୁରସ୍କୃତ କରାଯାଇଛି। ଏହାସହ ଝୁମୁକା ପୃଷ୍ଠାର ଲେଖିକା ଶୁଭଶ୍ରୀ ନନ୍ଦ ଓ ଲେଖକ ଅରୁଣ କୁମାର ପଣ୍ଡାଙ୍କୁ ଚଳିତବର୍ଷ ପାଇଁ 'ଝୁମୁକା ସାରସ୍ୱତ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ତଥା ଭାରତ ନିର୍ବାଚନ ଆୟୋଗର ପୂର୍ବତନ ଉପଦେଷ୍ଟା ଡ. ଭଗବାନ ପ୍ରକାଶ ଯୋଗଦେଇଥିଲେ। ଏହି ଅବସରରେ ଡ. ପ୍ରକାଶ ପ୍ରବୀଣ ଶିଶୁ ସାହିତ୍ୟ ସ୍ରଷ୍ଟା ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ସ୍ମାରକୀ ବକ୍ତୃତାମାଳା 'ଶିଶୁ ସାହିତ୍ୟ ବନାମ ଶିକ୍ଷା ସାହିତ୍ୟ' ଶୀର୍ଷକ ବିଷୟ ଉପରେ ବକ୍ତୃତା ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥ, ବିଶିଷ୍ଟ ସାହିତ୍ୟିକ ଦାଶ ବେନହୂର ଏବଂ ଝୁମୁକାର ସମ୍ପାଦକ ମାନସ ରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଝୁମୁକାର ୩୩ତମ ସାରସ୍ୱତ ସମାରୋହରେ ଝୁମୁକାର ନୂତନ ସଂଖ୍ୟା ସହ ବରିଷ୍ଠ ପ୍ରଶାସକ ମହେନ୍ଦ୍ର କୁମାର ମଲ୍ଲିକଙ୍କ 'ଗୀତ ଝରକା' ଓ ସଂଗ୍ରାମ କେଶରୀ ପୃଷ୍ଟିଙ୍କ 'ଫେରିଆ ମୋ ସୁନା ଚଢ଼େଇ' ପୁସ୍ତକ ଲୋକର୍ପିତ ହୋଇଥିଲା।

### ଦିବ୍ୟଜୀବନ ସଂଘ ପ୍ରଶିକ୍ଷଣ ସାଧନା ଶିବିର ଉଦ୍‌ଘାଟିତ

# ଆଧ୍ୟାତ୍ମିକ ଚେତନା ସକାରାତ୍ମକ ପରିବର୍ତ୍ତନ ଆଣିପାରିବ

**ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ)**



ଆଧ୍ୟାତ୍ମିକ ଚେତନା ବ୍ୟକ୍ତିର ଚରିତ୍ର ନିର୍ମାଣ କରିବା ସହ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିପାରିବ ବୋଲି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଛନ୍ତି। ଶିବାନନ୍ଦ ଶତବାର୍ଷିକ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଥିବା ୩ଦିନିଆ ଦିବ୍ୟଜୀବନ ସଂଘ ପ୍ରଶିକ୍ଷଣ ସାଧନା ଶିବିରକୁ ଉଦ୍‌ଘାଟନ କରି ଗଜପତି ମହାରାଜା ଏହା କହିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କହିଥିଲେ, ସମଗ୍ର ସାଧନାର ମୂଳ ଲକ୍ଷ୍ୟ ମନକୁ ସଫା ରଖିବା। ଏହା ହିଁ ଆନ୍ତରିକ ପ୍ରଗତିରେ ସହାୟକ ହୁଏ। ସମାଜରେ ଧନୀମାନଙ୍କ ଅଭାବ ନାହିଁ, କିନ୍ତୁ ଦାୟିତ୍ୱପୂର୍ଣ୍ଣ ନାଗରିକଙ୍କର ଘୋର ଅଭାବ ରହିଛି। ତେଣୁ ଜ୍ଞାନ ଅର୍ଜନ କରିବା ସହ ଜ୍ଞାନ ବିତରଣ ମଧ୍ୟ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ଉପସଭାପତି କିସ୍ ବିଶ୍ୱବିଦ୍ୟାଳୟର କୁଳପତି ଡ.ହରେକୃଷ୍ଣ ଶତପଥୀ ଉପସଭାପତି ଏବଂ ଚୌଧୁରୀ ଗୌରହରି ମିଶ୍ର ଏହି ଅବସରରେ ଉଦ୍‌ବୋଧନ ଦେଇଥିଲେ। ଏଥିରେ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ମହାରା, ସ୍ୱାମୀ ଧର୍ମ ନିଷ୍ଠାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ପ୍ରମୁଖ ଆଶୀର୍ବଚନ ରଖିଥିଲେ। ପ୍ରାରମ୍ଭରେ ସତ୍ୟେନ୍ଦ୍ର ନାରାୟଣ ତ୍ରିପାଠୀ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ସଙ୍ଗଠକ ଜୟଚନ୍ଦ୍ର ନାୟକ ଅତିଥି ପରିଚୟ ଦେଇଥିଲେ। ଶିବିରରେ ୨୫୦ରୁ ଅଧିକ ସାଧିକା, ସାଧକ ଯୋଗଦେଇ ଶାରୀରିକ ଶୁଦ୍ଧତା, ମାନସିକ ବିକାଶ, ଆତ୍ମୋନ୍ନତି ଲାଭ କରିବା ସଙ୍ଗେସଙ୍ଗେ ସଦାଚାରୀ ହେବାର ଦିବ୍ୟ ଜ୍ଞାନ ଲାଭ କରିଥିଲେ।

### 'ସ୍ୱପ୍ନର ଛାୟାପଥ' ଲୋକାର୍ପିତ

# ଗପରେ ସତକଥା ଲେଖିଲେ ଲୋକେ ପଢ଼ିବେ




**ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ)**

ଗପରେ ସତକଥା ଲେଖିଲେ ଲୋକେ ପଢ଼ିବେ। ପ୍ରଥମ ଗଳ୍ପ ସଂକଳନ ଭାବେ 'ସ୍ୱପ୍ନର ଛାୟାପଥ' ଏହା ଏକ ଉତ୍କୃଷ୍ଟ ବହି। ଅଧିକାଂଶ ଗପ ଶେଷ ଯାଏ ପଢି ହେଉଛି। ତାହା ହିଁ ଏହି ବହିର ସଫଳତା ବୋଲି ବିଶିଷ୍ଟ କଥାକାର ତରୁଣକାନ୍ତି ମିଶ୍ର କହିଛନ୍ତି। ଟାଇମ୍ ପାସ୍ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ପୁସ୍ତକ ପର୍ବରେ ଦେବବ୍ରତ ପାଣିଗ୍ରାହୀଙ୍କ ପ୍ରଥମ ଗଳ୍ପ ସଂକଳନ 'ସ୍ୱପ୍ନର ଛାୟାପଥ'କୁ ଅନାବରଣ କରିବା ଅବସରରେ ମିଶ୍ର ଏହା କହିଛନ୍ତି।

କଥାଶିଳ୍ପୀ ପରେଶ ପଟ୍ଟନାୟକ ଓ କଥାକାର ତଥା ବାଗ୍ମୀ ଅଧ୍ୟାପକ ବିଶ୍ୱରଞ୍ଜନ ଯୋଗଦେଇ କହିଛନ୍ତି ଯେ, ଗପ କୁହ ନାହିଁ ବରଂ ଦେଖାଅ। ଭଲ ଗପ କଳ୍ପନାରୁ ନୁହେଁ, ଲେଖକର ନିବିଡ଼ ଆତ୍ମ ଅଭିବ୍ୟକ୍ତିରୁ ଗଢ଼ା ହୁଏ।

### ତରୁଣକାନ୍ତି ମିଶ୍ରଙ୍କୁ ଟାଇମପାସ୍ ସ୍ୱୟଂଶ୍ରୀ ସମ୍ମାନ

ଅସନ୍ତୋଷ ହିଁ ସୃଜନର ମୂଳକଥା। ଦେବବ୍ରତଙ୍କ ଗଳ୍ପରେ ସ୍ୱପ୍ନ ଓ ସମ୍ଭାବନା ଅଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସଦ୍ୟ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ତରୁଣକାନ୍ତି ମିଶ୍ରଙ୍କୁ ଟାଇମପାସ୍ ସ୍ୱୟଂଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ଗାଳ୍ପିକ ପବିତ୍ର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଟାଇମପାସର ନିର୍ଦ୍ଦେଶକ ସରୋଜ ବଳ ମଞ୍ଚ ସଞ୍ଚାଳନ କରିଥିଲେ। ଶେଷରେ ଯୁବ ଲେଖକ ସୋମ୍ୟଶ୍ରୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଅବିନାଶ ସାହୁ, ବଳରାମ ନାୟକ, ପ୍ରିୟାଂଶୁ ପ୍ରିୟଦେବ, ବେଦପ୍ରକାଶ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଫଟୋରେ ଖବର




ଭୁବନେଶ୍ୱର ପାନ୍ଥ ନିବାସଠାରେ ରବିବାର ନିମାପଡ଼ା ସାହିତ୍ୟ ସଂସଦର ୬ଷ୍ଠ ବାର୍ଷିକ ଉତ୍ସବରେ ଅତିଥିମାନେ 'ନିମାପଡ଼ା ପତ୍ର'ର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।




କେନ୍ଦ୍ର ସରକାର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଲାଗୁ କରିଥିବାରୁ ଏହାକୁ ସମର୍ଥନ କରି ସିଏଏ ଓଡ଼ିଶା ସପୋର୍ଟର ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ରବିବାର ଅନୁଷ୍ଠିତ ଶୋଭାଯାତ୍ରା।

## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜ ମନ୍ଦିର
## ସୂର୍ଯ୍ୟପରାଗ ପାଇଁ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ

**ପୁରୁଣା ଭୁବନେଶ୍ୱର ,୨୨।୧୨ (ଡି.ଏନ.ଏ.):** ଆସନ୍ତା ୨୬ ତାରିଖରେ ସୂର୍ଯ୍ୟପରାଗ ହେବ। ଏଥିପାଇଁ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସ୍ୱତନ୍ତ୍ର ନୀତି ନୀତିକାନ୍ତି ପାଇଁ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ସୂର୍ଯ୍ୟପରାଗ ପୂର୍ବଦିନ ଅର୍ଥାତ ବୁଧବାର ଏବଂ ଗୁରୁବାର ଏହି ନୀତି ନିର୍ଘଣ୍ଟ ସମ୍ବନ୍ଧରେ ସୂଚନା ଦିଆଯାଇଛି। ପରାଗ ସ୍ୱର୍ଶ ସକାଳ ୮ଟା୨୦ ମିନିଟ୍‌ରୁ ୯ଟା ୪୫ ମିନିଟ୍ ମଧଭାଗ ଏବଂ ପରାଗ ସର୍ବମୋକ୍ଷ ପୂର୍ବାହ୍ନ ୧୧ଟା ୨୯ରୁ ଥିବା ଯୋଗୁ ୨୫ ତାରିଖରେ ପୂର୍ବ ଦିନରୁ ସମସ୍ତ ନୀତି ପରି ରାତି ୭ଟା ସୁଦ୍ଧା ବଡସିଂହାର ଶେଷ କରାଯାଇ ଶ୍ରୀଜୀଉଙ୍କ ପହୁଡ ନୀତି ସମ୍ପାଦନ ହେବ। ରାତ୍ରି ସାଢେ୭ରୁ ୮ଟା ମଧରେ ୨୬ ତାରିଖର ନୀତି ନିମନ୍ତେ ଶ୍ରୀଜୀଉଙ୍କ ପହୁଡ ଖୋଲାଯାଇ ଆଳତି ଅବକାଶ ସମ୍ପାଦନ କରାଯାଇ ସମସ୍ତ ଦେବ ନୀତି ବନ୍ଦ ରହିବ। ଆଡକାଠ ସନ୍ନିକଟରୁ ସର୍ବସାଧାରଣ ଦର୍ଶନ ନିମନ୍ତେ ମନ୍ଦିର ଖୋଲା ରହିବ। ୨୬ ତାରିଖ ସକାଳ ୯ଟା ୫୪ରେ ଶ୍ରୀଜୀଉଙ୍କ ଗ୍ରହଣ ସ୍ନାନ ନିମନ୍ତେ ବିନ୍ଦୁସାଗରକୁ ଯାତ୍ରା କରିବେ। ପରେ ମନ୍ଦିରରେ ଗ୍ରହଣ ଭୋଗ ନୀତି ସମ୍ପାଦନ ହେବ। ପୂର୍ବାହ୍ନ ୧୧ଟା ୨୯ ମିନିଟ୍‌ରେ ମହାସ୍ନାନ ପରେ ମଙ୍ଗଳଆଳତି ଅବକାଶ ଆଦି ଦୈନନ୍ଦିନ ନୀତି ଆରମ୍ଭ ହେବ।

### ପୁରୁଣା ଭୁବନେଶ୍ୱରରେ ୧୫୧ତମ ଐତିହ୍ୟ ପଦଯାତ୍ରା
## ସକାଳର କୁହୁଡ଼ିରେ ବୁଲି ମଜାନେଲେ ପର୍ଯ୍ୟଟକ



**ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ):** ଏକାମ୍ର କ୍ଷେତ୍ର ପୁରୁଣା ଭୁବନେଶ୍ୱରରେ ଐତିହ୍ୟ ପଦଯାତ୍ରାର ୧୫୧ତମ ସଂସ୍କରଣ ରବିବାର ଅନୁଷ୍ଠିତ ହୋଇଥିଲା। ଶୀତୁଆ ସକାଳରେ ଢ଼ାଙ୍କି ରହିଥିବା କୁହୁଡ଼ିରେ ପର୍ଯ୍ୟଟକମାନେ ଐତିହ୍ୟସ୍ଥଳ ବୁଲିଥିଲେ। ଖ୍ରୀଷ୍ଟପୂର୍ବ ୧୦ମ ଶତାବ୍ଦୀର ମୁକ୍ତେଶ୍ୱର ମନ୍ଦିରରୁ ୩୫ଜଣ ପର୍ଯ୍ୟଟକଙ୍କୁ ନେଇ ଏହି ପଦଯାତ୍ରା ଆରମ୍ଭ ହୋଇଥିଲା। ପର୍ଯ୍ୟଟକମାନେ କୁହୁଡ଼ିରେ ବୁଲିବାର ମଜାନେବା ସହ ମୁକ୍ତେଶ୍ୱର ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର ସହ ଅନ୍ୟ ବହୁ ଐତିହ୍ୟସ୍ଥଳୀ ବୁଲି ମନ୍ଦିରମାଳିନୀ ଭୁବନେଶ୍ୱରର ଇତିହାସ ବିଷୟରେ ଜାଣିବାକୁ ପାଇଥିଲେ। କିପରି ଏହି ଅଞ୍ଚଳରେ ଏତେଗୁଡ଼ିଏ ଐତିହ୍ୟସ୍ଥଳୀ ଗଢ଼ି ଉଠିଥିଲା ସେନେଇ ପର୍ଯ୍ୟଟକଙ୍କୁ ସୂଚନା ଦିଆଯାଇଥିଲା। ସେମାନେ ଐତିହ୍ୟସ୍ଥଳ ବୁଲିବାବେଳେ ଓଡ଼ିଶୀ ନୃତ୍ୟର ମଜା ଉଠାଇଥିଲେ।







### ତୋଷାଳି ମେଳାର ୮ମ ସନ୍ଧ୍ୟା

# ନୂଆ ରୂପରେ ଓଡ଼ିଶା ହସ୍ତତନ୍ତ



କଣ୍ଠଶିଳ୍ପୀ ପ୍ରଜ୍ଞା ହୋତାଙ୍କ ସଙ୍ଗୀତ ପରିବେଷଣ

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ)**

ଓଡ଼ିଶା ହସ୍ତତନ୍ତ ପ୍ରତି ଦେଶର ନାମୀଦାମୀ ବ୍ରାଣ୍ଡ ଏବଂ ପୋଷାକ କମ୍ପାନୀ ତଥା ଫ୍ୟାଶନ୍ ଡିଜାଇନରମାନଙ୍କୁ ଆକର୍ଷିତ କରିବା ଲକ୍ଷ୍ୟ ନେଇ ତୋଷାଳି ମେଳାର ୮ମ ସନ୍ଧ୍ୟାରେ ଆୟୋଜିତ ହୋଇଥିଲା ଫ୍ୟାଶନ୍ ଶୋ। ଓଡ଼ିଶାର ହସ୍ତତନ୍ତ ଶାଢ଼ି ପ୍ରତି ସମଗ୍ର ବିଶ୍ୱରେ ଚାହିଦା ରହିଥିବାବେଳେ ତୋଷାଳି ଏହାକୁ ଶୋ'କେସ୍ କରିଥିଲା। ସନ୍ଧ୍ୟାରେ ଆୟୋଜିତ ଫ୍ୟାଶନ୍ ଶୋ'ର ପ୍ରଥମ ତିନୋଟି ରାଉଣ୍ଡରେ ଇକତ୍, ବୋମକାଇ, ଖଣ୍ଡୁଆ, କୋଟପାଡ଼ ଓ ଡଙ୍ଗରିଆ, ଟସର ଶାଢ଼ି ପିନ୍ଧି ମଡେଲମାନେ ର୍ୟାମ୍ପରେ ଚାଲିଥିଲେ। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ନିଫ୍ଟ, ସିଡାକ୍ ଦ୍ୱାରା ପ୍ରାୟୋଜିତ ତଥା 'ବୟନିକା' ପକ୍ଷରୁ ଆୟୋଜିତ ଏହି ଫ୍ୟାଶନ୍ ଶୋ'ର ଦ୍ୱିତୀୟ ରାଉଣ୍ଡରେ ୧୩ ମଡେଲ୍ ନିଫ୍ଟର ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଓଡ଼ିଶା ହସ୍ତତନ୍ତରେ ପ୍ରସ୍ତୁତ ଡିଜାଇନର ପୋଷାକ ପିନ୍ଧି ର୍ୟାମ୍ପ-ୱାକ୍ କରିଥିଲେ। ଏଥିରେ ପାରମ୍ପରିକ ବସ୍ତ୍ର ସହ ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ଭଳି ଆଧୁନିକ ବସ୍ତ୍ର ପ୍ରଦର୍ଶିତ ହୋଇଥିଲା। କେବଳ ହସ୍ତତନ୍ତ ଶାଢ଼ି ନୁହେଁ ହସ୍ତତନ୍ତ କପଡ଼ାକୁ ବ୍ୟବହାର କରି କିଭଳି ଆଧୁନିକ ବସ୍ତ୍ର ପ୍ରସ୍ତୁତ କରାଯାଇପାରିବ ଏବଂ ହସ୍ତତନ୍ତକୁ ଏକ ଫ୍ୟାଶନ୍ ଟ୍ରେଣ୍ଡରେ ପରିଣତ କରାଯାଇପାରିବ ସେହି ଆଭିମୁଖ୍ୟ ନେଇ ଏହି ଫ୍ୟାଶନ୍ ଶୋ ଅନୁଷ୍ଠିତ ହୋଇଥିଲା। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଯୁଗ୍ମସଚିବ ଅଞ୍ଜନା ପଣ୍ଡା ଓ ତାଙ୍କ ଟିମ୍ ଏହି ଶୋ'ର ପରିକଳ୍ପନା କରିଥିଲେ। ସେହିଭଳି ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ବୟନଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ ଉଦ୍‌ଘାଟନ କରିଥିଲେ। କଣ୍ଠଶିଳ୍ପୀ ପ୍ରଜ୍ଞା ହୋତା ପୁରୁଣା ଓଡ଼ିଆ ଗୀତ ସହିତ 'ବେବି ଓ ବେବି' ଓ 'ସୁନୟନା...' ଭଳି ଗୀତ ଗାଇ ଶ୍ରୋତାଙ୍କ ଭରପୂର ମନୋରଞ୍ଜନ କରିଥିଲେ।

ଫଟୋ: ବିକାଶ ନାୟକ


ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com




ବର୍ଷା



ରାଜେଶ



ଅମୂଲ୍ୟ



ମଣିରଞ୍ଜନ



ବାପି



ସ୍ନେହାଞ୍ଜଳି


ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/


## ୨୨ ଗ୍ରାମ୍ ବ୍ରାଉନସୁଗାର, ୧୨ଶହ ଗ୍ରାମ ଗଞ୍ଜେଇ ଜବତ

**ନିମାପଡ଼ା,୨୨।୧୨(ଡି.ଏନ୍.ଏ.)**

ପୁରୀ ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ନିମାପଡ଼ା ଅବକାରୀ ବିଭାଗ ଶନିବାର ନିମାପଡ଼ା ଅଞ୍ଚଳରେ ଚଢ଼ାଉ କରି ବ୍ରାଉନସୁଗାର ଓ ଗଞ୍ଜେଇ ବିକ୍ରି ଅଭିଯୋଗରେ ଦୁଇ ଜଣ ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ବ୍ରାଉନସୁଗାର ବେପାରୀ ଖେଦରପୁର ଗ୍ରାମର ନୃସିଂହ ଭୋଇ ଓ ଗଞ୍ଜେଇ ବେପାରୀ ବାଲିପାଟଣା ଥାନା ବନମାଳୀପୁର ଅଞ୍ଚଳର ମହମ୍ମଦ ଦାନିଶ। ଜାମିନ ନାମଞ୍ଜୁର ହେବାରୁ ଶନିବାର ଏମାନଙ୍କୁ ଜେଲ ପଠାଇ ଦିଆଯାଇଛି। ଉଭୟ ବ୍ୟବସାୟୀଙ୍କ ନିକଟରୁ ୨୨ଗ୍ରାମ ବ୍ରାଉନସୁଗାର ଓ ୧୨ଶହ ଗ୍ରାମ ଗଞ୍ଜାଇ ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨ଲକ୍ଷ ୨୦ହଜାର ଟଙ୍କା ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ପୃଥକ ଭାବେ ଦୁଇଟି ମାମଲା (ନଂ.୧୦୯/୧୯, ୩୬/୧୯)ରୁଜୁ ହୋଇଛି। ପୁରୀ ଅବକାରୀ ଇନ୍ସପେକ୍ଟର ଅନିତା ଓଝା, ପୁରୀ ଜିଲା ମୋବାଇଲ ସ୍କ୍ୱାଡ୍ ସବ୍ ଇନ୍ସପେକ୍ଟର ବନ୍ଦନା ପଟ୍ଟନାୟକ, ନିମାପଡ଼ା ଅବକାରୀ ସବ୍‌ଇନ୍ସପେକ୍ଟର ଯୋଗମାୟା ମଲ୍ଲିକ, ଏଏସ୍‌ଆଇ ଜାଗିନ ରାଓ, ଅବଦୁଲରଫ ଖାଁ, ଜିତେନ୍ଦ୍ର ମଲ୍ଲିକ, ପ୍ରଦୀପ୍ତ ପଣ୍ଡା, ପ୍ରମୋଦ କର ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

### ବାଣୀବିହାର ୧୯୮୬-୮୮ ବ୍ୟାଚ୍‌ର ବନ୍ଧୁ ମିଳନ
# ରଫିଙ୍କୁ ମନେପକାଇଲେ ସୁନୀଲ

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ)**

ବାଣୀବିହାର ୧୯୮୬-୮୮ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ର ତଥା ବଲିଉଡ ଗାୟକ ସୁନୀଲ ପରିଡା ଓଡ଼ିଆ ଏବଂ ହିନ୍ଦୀ ଗୀତ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲେ। ମୁଖ୍ୟତଃ ମହମ୍ମଦ ରଫିଙ୍କ ଗୀତଗୁଡ଼ିକ ମନଛୁଇଁଥିଲା। ତାଙ୍କ ଗୀତରୁ ବଲିଉଡ଼ ଜଗତର ଅଭୁଲା ସଙ୍ଗୀତର ଗାୟକ ମହମ୍ମଦ ରଫିଙ୍କ ମନେପଡୁଥିଲା। ଏହାସହ ଗ୍ରୁପ ପକ୍ଷରୁ ଆଶିଷ କୁମାର ପାଢୀ ଏବଂ ଲୋଭା ମଧ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ୟାଚର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଦେବୀ ପ୍ରସାଦ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଛନ୍ତି।



ସୂଚନାଥାଉ କି, ସୁନୀଲ ବାଣୀବିହାରରୁ ପାସ କରିବା ପରେ ବମ୍ବେ ଯାଇ ସଙ୍ଗୀତ ସାଧନା କରିବା ସହ ସେଠାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ତାଙ୍କୁ ବମ୍ବେରେ ଲୋକେ ଦ୍ୱିତୀୟ ମହମ୍ମଦ ରଫି ବୋଲି ଅବିହିତ କରନ୍ତି।

### ପଠାଣି ସାମନ୍ତ ପ୍ଲାନେଟାରିଅମ
# ଶୋ', ଦର୍ଶକ ସଂଖ୍ୟାରେ ରେକର୍ଡ

**ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ)**



ପଠାଣି ସାମନ୍ତ ପ୍ଲାନେଟାରିଅମ୍‌ରେ ରବିବାର ରେକର୍ଡ ସଂଖ୍ୟକ ଶୋ' ଦେଖିଛନ୍ତି ସର୍ବାଧିକ ଦର୍ଶକ। ସକାଳ ୯ଟା ୩୦ରୁ ପ୍ରତି ଅଧଘଣ୍ଟାରେ ଗୋଟିଏ ହିନ୍ଦୀ ଓ ଓଡ଼ିଆ ଭାଷାରେ ଶୋ' କରାଯାଇଥିଲା। ମୋଟ ୨୧ ଶୋ' ଚାଲିଥିବାବେଳେ ୩ ହଜାର ୩ ଶହ ୩୭ ଜଣ ଦର୍ଶକ ଦେଖିଥିଲେ। ଏଥିମଧ୍ୟରୁ ୩୭ ବିଦ୍ୟାଳୟର ୨୭ ଶହ ଛାତ୍ରୀଛାତ୍ର ରହିଛନ୍ତି। ସେହିଭଳି ଟିକେଟରୁ ସର୍ବାଧିକ ଆୟ ଅର୍ଥାତ୍ ୫୫ହଜାର ୩ଶହ ଟଙ୍କା ମିଳିଛି। ଚଳିତବର୍ଷର ଏହା ସବୁଠୁ ବଡ଼ ରେକର୍ଡ଼। ଏଥିପାଇଁ ପୂର୍ବରୁ ମଧ ସମସ୍ତ ପ୍ରସ୍ତୁତି ସରିଥିଲା। ଭିଡ଼କୁ ବହୁତ୍ ସୁରୁଖୁରୁରେ ନିୟନ୍ତ୍ରଣ କରାଯାଇଛି ବୋଲି ପ୍ଲାନେଟାରିଅମ୍ ନିର୍ଦ୍ଦେଶକ ରସିଦ୍ ଖାନ୍ କହିଛନ୍ତି। ଏଥିସହିତ ବଡ଼ଦିନ ଓ ନୂଆବର୍ଷ ପାଇଁ ପ୍ଲାନେଟାରିଅମ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଆବଶ୍ୟକ ସ୍ଥଳେ ଅଧିକ ଶୋ' କରାଯିବାର ବ୍ୟବସ୍ଥା ମଧ କରାଯାଉଛି। ବିଦ୍ୟାଳୟରୁ ଦଳଗତ ଭାବେ ଆସୁଥିବା ଛାତ୍ରୀଛାତ୍ରଙ୍କୁ ଅଧା ଶୁଳ୍କରେ ପ୍ରବେଶ କରାଯାଉଥିବା ଖାନ୍ ସୂଚନା ଦେଇଛନ୍ତି।

# ବଡ଼ଦିନ, ନୂଆବର୍ଷ ପାଇଁ ନନ୍ଦନକାନନର ସ୍ୱତନ୍ତ୍ର ବ୍ୟବସ୍ଥା

**ବାରଙ୍ଗ,୨୨।୧୨(ଡି.ଏନ.ଏ)**

ବଡ଼ଦିନ ଓ ନୂଆବର୍ଷ ପାଇଁ ପ୍ରାଣୀ ଉଦ୍ୟାନ ନନ୍ଦନକାନନ ପକ୍ଷରୁ ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ବ୍ୟବସ୍ଥା ଅନୁଯାୟୀ ସିସିଟିଭି କ୍ୟାମେରା ମାଧମରେ ପର୍ଯ୍ୟଟକଙ୍କର ଗତିବିଧିକୁ ନଜର ରଖାଯିବ। ଏଥିପାଇଁ ଚଳିତବର୍ଷ ପ୍ରଥମକରି ଅଧିକ ୧୨ଟି କ୍ୟାମେରା ପ୍ରବେଶପଥଠାରୁ ଜଗନ୍ନାଥ ମନ୍ଦିର ଛକ ପର୍ଯ୍ୟନ୍ତ ରଖାଯାଇଛି। ଏହାସହ ନନ୍ଦନକାନନ ପରିସରରେ ଅନ୍ୟ କର୍ମଚାରୀମାନଙ୍କ ସହ ସିକ୍ୟୁରିଟି କର୍ମଚାରୀମାନେ ବିଭିନ୍ନ ଛକ ଜାଗାରେ ମୁତୟନ ରହି ପର୍ଯ୍ୟଟକଙ୍କ ସୁବିଧା ଯୋଗାଇବେ। ପକେଟ୍‌ମାରଙ୍କ ଦୌରାତ୍ମ୍ୟକୁ ରୋକିବା ପାଇଁ ସାଦା ପୋଷାକରେ ପୋଲିସ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ମୁତୟନ ରହିବେ। ଭିଡ଼ର ସ୍ଥିତିକୁ ଦୃଷ୍ଟିରେ ରଖି ଆଗରୁ ଥିବା ୧୨ଟା ପରିବର୍ତ୍ତେ ଅଧିକ ପରିମାଣର ଟିକେଟ କାଉଣ୍ଟର ଖୋଲାଯିବ। ଆକସ୍ମିକ ଦୁର୍ଘଟଣା ପାଇଁ ଓଡ୍ରାଫ୍ଟ ଟିମ ଓ ଦମକଳ ବାହିନୀ କର୍ମଚାରୀମାନେ ସଜାଗ ରହିବେ। ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା ସହ ଜରୁରିକାଳୀନ ସମୟରେ ନନ୍ଦନକାନନର ଗାଡ଼ି ଓ ୧୦୮ ଆମ୍ବୁଲାନ୍ସ ରହିବ। ନନ୍ଦନକାନନ ଥାନା ପକ୍ଷରୁ ଅଧିକ ପୋଲିସ ଫୋର୍ସ ମୁତୟନ କରାଯିବ। ନନ୍ଦନକାନନ ମଧ ରାସ୍ତାରେ ଯାନବାହନ ଚଳାଚଳକୁ ବାରଣ କରାଯାଇଥିବାବେଳେ ନନ୍ଦନକାନନ ଦେଇ ବଟାନିକାଲ ଗାର୍ଡେନକୁ ସଂଯୋଗ ରାସ୍ତାକୁ ବନ୍ଦ କରାଯାଇଛି। ଏହିଦିନଗୁଡ଼ିକରେ ବଟାନିକାଲ ଯିବାକୁ ଚାହୁଁଥିବା ପର୍ଯ୍ୟଟକମାନେ ବାରଙ୍ଗ ବଙ୍ଗାଳି ସାହିଦେଇ ଯାଇପାରିବେ। ଏହି ସ୍ୱତନ୍ତ୍ର ବ୍ୟବସ୍ଥା ଡିସେମ୍ବର୨୫, ୨୯, ୩୧ ଓ ଜାନୁୟାରୀ ୧ ଓ ୫ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ପର୍ଯ୍ୟଟକ ପରିଚାଳନା ଦାୟିତ୍ୱରେ ଥିବା ଏସିଏଫ ଅମୂଲ୍ୟ କୁମାର ପରିଡା କହିଛନ୍ତି।




ଭୁବନେଶ୍ୱର ବାଣୀବିହାର ୟୁନିଭର୍ସିଟି ହାଇସ୍କୁଲ ପକ୍ଷରୁ ରବିବାର ଆୟୋଜିତ ୧୯୬୬-୨୦୧୯ ମେଗା ଆଲୁମ୍ନି ମିଟ୍ 'ଚାଲ ସ୍କୁଲ ଯିବା' କାର୍ଯ୍ୟକ୍ରମରେ ମଞ୍ଚାସୀନ ଅରୁଣ ବୋଥ୍ରା, ସୁବ୍ରତ ବାଗ୍‌ଚୀ, ସୌମେନ୍ଦ୍ର ମୋହନ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ।



ଯେଉଁ ଘରେ ସୁଲକ୍ଷଣା ନାରୀ ବାସ କରେ, ସେହି ଘରେ ଲକ୍ଷ୍ମୀ ରହନ୍ତି।
କୋଟି କୋଟି ଦେବତା ମଧ ସେହି ଘରକୁ ତ୍ୟାଗ କରନ୍ତି ନାହିଁ।
- ମହର୍ଷି ଗର୍ଗ



## ସଂକ୍ଷେପରେ

### ୨୪ ମୋବାଇଲ ଟାୱାର ବ୍ୟାଟେରି ଜବତ: ୨ ଅଭିଯୁକ୍ତ କୋର୍ଟ ଚାଲାଣ

**ମାହାଙ୍ଗା,୨୨।୧୨(ସ୍ୱ.ପ୍ର.):** ମାହାଙ୍ଗା ଥାନା ଭଦ୍ରେଶ୍ୱର ଫାଣ୍ଡି ଅଧୀନ ଝାଡେଶ୍ୱରପୁର କେନାଲ ବନ୍ଧରୁ ଶନିବାର ଏକ ପିକ୍‌ଅପ୍ ଭ୍ୟାନ ସମେତ ୨୪ ମୋବାଇଲ ଟାୱାର ବ୍ୟାଟେରି ଜବତ କରାଯାଇଛି। ଏହି ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ରବିବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ନିଶ୍ଚିନ୍ତକୋଇଲି ଥାନା ଅଧୀନ ବାରମାଣିଆ ଗ୍ରାମର ମାରୁତି ବେହେରା ଓ ଗୋପପୁର ଗ୍ରାମର ଅଜୟ ମଲିକ। ପ୍ରକାଶ ଯେ, ଗତ ୭ ତାରିଖରେ ଏହି ଫାଣ୍ଡି ଅଧୀନ ଗୋତରା ଟାୱାରରୁ ବ୍ୟାଟେରି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଥାନାରେ ମାମଲା (ନଂ.୨୬୨/୧୯)ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଝାଡେଶ୍ୱରପୁର କେନାଲ ବନ୍ଧ ଦେଇ ଉକ୍ତ ଭ୍ୟାନଟି ଯାଉଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ମାହାଙ୍ଗା ଥାନା ଆଇଆଇସି ରଞ୍ଜନ ପ୍ରଧାନ ଓ ଭଦ୍ରେଶ୍ୱର ଫାଣ୍ଡି ଅଧିକାରୀ ତପନ ନାୟକ ଚଢ଼ାଉ କରି ସେଥିରୁ ବ୍ୟାଟେରି ଜବତ କରିଥିଲେ।

### ଗୋଷ୍ଠୀ ସଂଘର୍ଷ ଘଟଣା, ୬ ଗିରଫ

**ଖୁଣ୍ଟୁଣୀ,୨୨।୧୨(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମାଣତିର ଏବଂ ଖଣ୍ଡବନ୍ଧ ଗ୍ରାମ ସଂଲଗ୍ନ ବିବାଦୀୟ ଜମିରୁ ମାଟି ଖୋଳାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ରବିବାର ଏହି ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୁନା ପଧାନ, ଫକୀର ପଧାନ, ଶିବ ପଧାନ, ଗଦାଧର ପଧାନ, ମାଧବ ପଧାନ ଓ କାବୁଲି ଦେହୁରୀ। ଅନ୍ୟପକ୍ଷରେ ଖଣ୍ଡବନ୍ଧ ଗ୍ରାମର ୩ଜଣଙ୍କୁ ପୋଲିସ ଗିରଫ କରିଥିବା ତଦନ୍ତକାରୀ ଅଧିକାରୀ ସରୋଜ ମହାନ୍ତି କହିଛନ୍ତି। ସୂଚନାଥାଉ କି, ଏହି ବିବାଦୀୟ ଜମିର ମାଲିକାନାକୁ ନେଇ ପୂର୍ବରୁ ବିବାଦ ଦେଖାଦେଇଥିଲା। ଏହା ଜମି କାହାର ପୈତୃକ ଜମ ବୋଲି କେହି ଦସ୍ତାବିଜ ଦେଖାଇ ପାରି ନ ଥିଲେ। ଜମି ଉପରକୁ କେହି ନ ଯିବାକୁ ପ୍ରାୟ ଦୁଇ ବର୍ଷ ତଳେ ଉଭୟ ପକ୍ଷ ମଧ୍ୟରେ ଫଇସାଲା ହୋଇଥିଲା। ଶନିବାର ବିବାଦୀୟ ଜମିରୁ ଜଣେ ଠିକାଦାର ମାଟି ଉଠାଉଥିବା ବେଳେ ଖଣ୍ଡବନ୍ଧ ଗ୍ରାମର କେତେଜଣ ବ୍ୟକ୍ତି ପହଞ୍ଚି ଏହାକୁ ବିରୋଧ କରିଥିଲେ। ଫଳରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ୬ଜଣ ଆହତ ହୋଇଥିଲେ। ଏ ନେଇ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା(ନଂ.୧୭୪/୧୯, ୧୭୫/୧୯)ରୁଜୁକରି ତଦନ୍ତ ଚଳାଇଥିଲା।

### ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଜୟନ୍ତୀ

**କଟକ ଅଫିସ, ୨୨।୧୨:** ପଲ୍ଲୀକବି ନନ୍ଦକିଶୋର ବଳ ଓଡ଼ିଶାର ପଲ୍ଲୀପ୍ରକୃତିକୁ ସାହିତ୍ୟରେ ରୂପାୟିତ କରିବାରେ ଥିଲେ ସିଦ୍ଧହସ୍ତ। ତାଙ୍କ ରଚିତ କାବ୍ୟ 'ଶର୍ମିଷ୍ଠା', 'କୃଷ୍ଣକୁମାରୀ' ଓ କବିତା ପୁସ୍ତକ 'ନିର୍ଝରିଣୀ', 'ନାନାବାୟା ଗୀତ', 'ପ୍ରଭାତ ସଙ୍ଗୀତ', 'ପଲ୍ଲୀଚିତ୍ର' ଏବଂ 'କନକଲତା' ଉପନ୍ୟାସ ଓଡ଼ିଆ ସାହିତ୍ୟର ଉଲ୍ଲେଖଯୋଗ୍ୟ ରଚନା। 'ମେଘ ବରଷିଲା ଟପର ଟପର, କେଶୁର ମାଇଲା ଗଜା', 'ଡାମରା କାଉରେ ଡାମରା କାଉ' ଭଳି କବିତା ପଲ୍ଲୀକବିଙ୍କୁ ଚିରଦିନ ପାଇଁ ଅମର କରି ରଖିବ ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠିତ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ୧୧୪ତମ ଜୟନ୍ତୀରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ରବିବାର ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ ପଲ୍ଲୀକବିଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉପସଭାପତି ସଞ୍ଜିତ୍ ପଟ୍ଟନାୟକ, ଡ. ସୁନାମଣି ରାଉତ, ବ୍ରହ୍ମାନନ୍ଦ ବିଶ୍ୱାଳ, ବ୍ରହ୍ମାନନ୍ଦ ମହାନ୍ତି, ଶଶିକାନ୍ତ ରାଉତ, ତପନ କୁମାର ସ୍ୱାଇଁ, ଆଡଭୋକେଟ୍ ଗଗନ ଚନ୍ଦ୍ର ମେହେର, ଗଜେନ୍ଦ୍ର କୁମାର ପାଣି, ଦିଲୀପ କୁମାର ଦାସ ଓ କୁନ୍ତଳା ବେହେରା ପ୍ରମୁଖ ଯୋଗଦେଇ ପଲ୍ଲୀକବିଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ପରିସରରେ ଥିବା ପଲ୍ଲୀକବିଙ୍କ ପ୍ରତିମୂର୍ତ୍ତି ଓ ଅନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଙ୍ଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ।

## କାର ଧକ୍କାରେ ୩ ବର୍ଷ ଶିଶୁ ମୃତ

# କ୍ଷତିପୂରଣ ଦାବିରେ ୨ଘଣ୍ଟା ରାସ୍ତାରୋକୋ

**ଚୌଦ୍ୱାର,୨୨।୧୨(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ କରଞ୍ଜି ଛକ ନିକଟରେ ରବିବାର ଅପରାହ୍ନରେ କାର ଧକ୍କାରେ ୩ବର୍ଷ ଶିଶୁର ମୃତ୍ୟୁ ଘଟିଛି। ସେ ହେଲେ ଗୋଡଧୁଆ ଗ୍ରାମର ସାହେବ ପିଙ୍ଗୁଆଙ୍କ ପୁଅ ଗୁରୁଚରଣ ପିଙ୍ଗୁଆ। ଗୁରୁଚରଣଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ୨ଘଣ୍ଟା ରାସ୍ତାରୋକୋ କରିଥିଲେ।

ସୂଚନା ଅନୁଯାୟୀ, ଗୋଡ଼ଧୁଆ ଗ୍ରାମର ସାହେବ କ୍ଷେତରେ ଧାନ କାଟୁଥିଲେ। ଅପରାହ୍ନରେ ଗୁରୁଚରଣ ଓ ତାଙ୍କ ମା' ସାହେବଙ୍କ ପାଇଁ ଖାଦ୍ୟ ନେଇ କ୍ଷେତକୁ ଆସିଥିଲେ। ସାହେବ ଓ ତାଙ୍କ ସ୍ତ୍ରୀ ବିଲରେ କଥା ହେଉଥିବା ବେଳେ ତାଙ୍କ ପୁଅ ଗୁରୁଚରଣ ହଠାତ୍ ରାସ୍ତାକୁ ଆସିଯିବାରୁ ଏକ କାର ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ଘଟଣାସ୍ଥଳରେ ଗୁରୁଚରଣଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଅପରାହ୍ନ ୩ଟାରୁ ଟାଙ୍ଗୀ-କପିଳାସ ରାସ୍ତାରେ ମୃତଦେହ ରଖି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଗୁରୁଚରଣଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୧୦ଲକ୍ଷ ଟଙ୍କା ଦେବାକୁ ଗ୍ରାମବାସୀ ଦାବି କରିଥିଲେ। ଖବରପାଇ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ସରପଞ୍ଚଙ୍କ ସହାୟତାରେ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଅପରାହ୍ନ ପ୍ରାୟ ୫ଟା ରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।





କ୍ଷତିପୂରଣ ଦାବିରେ ଗ୍ରାମବାସୀ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।




ଅନନ୍ତପୁର ଶାନ୍ତିସରୋବରରେ ଅନୁଷ୍ଠିତ ଜାତୀୟ କର୍ମଶାଳାରେ ଯୋଗଦେଇଥିବା ଅତିଥିବୃନ୍ଦ।

## ସାଧୁତା, ସରଳତା ସଫଳତାର ଚାବିକାଠି

**କଣ୍ଟାପଡ଼ା,୨୨।୧୨(ଡି.ଏନ୍.ଏ.)**

ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭଗିନୀ ସଂସ୍ଥା ରାଜଯୋଗ ଶିକ୍ଷା ଓ ଅନୁସନ୍ଧାନ ପ୍ରତିଷ୍ଠାନ ପକ୍ଷରୁ ଫୁଲନଖରାସ୍ଥିତ ଅନନ୍ତପୁର ଶାନ୍ତିସରୋବରରେ 'ଆଧ୍ୟାତ୍ମିକ ଆଧାରରେ ବ୍ୟବସାୟ ଓ ଶିଳ୍ପରେ ସଫଳତା'ଶୀର୍ଷକ ଜାତୀୟ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ କଟକ ସବ୍‌ଜୋନର ନିର୍ଦ୍ଦେଶିକା ରାଜଯୋଗିନୀ କମଳେଶଅଧ୍ୟକ୍ଷତା କରିଥିଲେ। ଏଥିରେ ମୁମ୍ବାଇର ବିଭାଗୀୟ ଜାତୀୟ ସଂଯୋଜିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଯୋଗିନୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ୟବସାୟ ଓ ଉଦ୍ୟୋଗରେ ସାଧୁତା, ସରଳତା ଓ କର୍ମଠତାର ଆବଶ୍ୟକତା ରହିଛି। ଏହାକୁ ଯିଏ ପାଳନ କରେ ସେ ବ୍ୟବସାୟ ଓ ଜୀବନରେ ସଫଳତା ହାସଲ କରିଥାଏ ବୋଲି ଯୋଗିନୀ କହିଥିଲେ। ବ୍ରହ୍ମ କୁମାର ନଥମଲ ସ୍ୱାଗତ ଭାଷଣ ଦେଇଥିବାବେଳେ କଟକ ସବଜୋନର ସହସଂଚାଳିକ ବ୍ରହ୍ମାକୁମାରୀ ସୁଲୋଚନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରତ ମସଲାର ପ୍ରତିଷ୍ଠାତା ସୁରେନ୍ଦ୍ରନାଥ ପଣ୍ଡା ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଅରୁଣ କୁମାର ପଣ୍ଡା, ଡ. ଏସ୍. କେ. ମହାପାତ୍ର ଯୋଗଦେଇଥିଲେ। ବ୍ରହ୍ମାକୁମାରୀ ଦୀପା, ରାଧିକା, କ୍ରିଷ୍ଣା ପ୍ରମୁଖ ସନ୍ଦର୍ଭ ପାଠ କରିଥିଲେ। ବ୍ରହ୍ମାକୁମାରୀ ତପସ୍ୱିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବ୍ରହ୍ମାକୁମାର ଶଶି ଶେଖର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ ଶିଳ୍ପୋଦ୍ୟୋଗୀ ଯୋଗଦେଇଥିଲେ।




ଶୋଭାଯାତ୍ରାରେ ସାମିଲ୍ ହୋଇଥିବା ନିଶ୍ଚିନ୍ତକୋଇଲି ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତା।

## ନାଗରିକତ୍ୱ ସଂଶୋଧନ ଆଇନ ସପକ୍ଷରେ ଶୋଭାଯାତ୍ରା

**ନିଶ୍ଚିନ୍ତକୋଇଲି,୨୨।୧୨(ସ୍ୱ.ପ୍ର.)**

ନାଗରିକତ୍ୱ ସଂଶୋଧନ ଆଇନ ସପକ୍ଷରେ ରବିବାର ନିଶ୍ଚିନ୍ତକୋଇଲି ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନାଗରିକତା ସଂଶୋଧନ ଆଇନକୁ ବିରୋଧ କରି ଆନ୍ଦୋଳନକାରୀମାନେ ହିଂସାତ୍ମକ ଆଚରଣ କରି ବହୁ ସରକାରୀ ଓ ବେସରକାରୀ ସମ୍ପତ୍ତି ନଷ୍ଟ କରୁଛନ୍ତି ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଓଡିଶା ଡିଜିଙ୍କୁ ଥାନା ଅଧିକାରୀଙ୍କ ଜରିଆରେ ଅବଗତ କରାଯାଇଛି। ଏଥିସହ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ପୂର୍ବାହ୍ନରେ ଏକ ପ୍ରତିବାଦ ସଭା ସହ ନାଗରିକ ସଂଶୋଧନ ଆଇନ ଓ ଏନ୍‌ଆରସି ସପକ୍ଷରେ ଏକ ସଚେତନତା କର୍ମଶାଳା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁବାଶିଷ ବସନ୍ତରାୟ, ମନୋଜ କୁମାର ମଲିକ, ସନ୍ତୋଷ କୁମାର ନାୟକ, ଅବିନାଶ ସାମନ୍ତରାୟ ଓ ସନ୍ତୋଷ କୁମାର ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ସନ୍ତୋଷୀ ମା'ଙ୍କ ମନ୍ଦିରରୁ ଚୋରି

**ନରସିଂହପୁର,୨୨।୧୨ (ଡିଏନଏ)**

ନରସିଂହପୁର ଥାନା ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ ପାଟଣା ଛକ ନିକଟ ସନ୍ତୋଷୀ ମା'ଙ୍କ ମନ୍ଦିରରୁ ଶନିବାର ବିଳମ୍ବିତ ରାତିରେ ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ତାଲା ଭାଙ୍ଗି ସୁନା, ରୁପା ଓ ପିତଳ ସାମଗ୍ରୀ ସହ ଅନ୍ୟାନ୍ୟ ଜିନିଷପତ୍ର ଲୁଟି ନେଇଛନ୍ତି। ସକାଳୁ ପୂଜା କରିବାକୁ ଆସି ମନ୍ଦିର ତାଲା ଭାଙ୍ଗିଥିବା ଦେଖି ପୂଜାରୀ ନିରଞ୍ଜନ ଏସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇବା ସହ ଥାନାରେ ଖବର ଦେଇଥିଲେ। ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମାମଲା( ନଂ.୧୫୮/ ୧୯) ରୁଜୁ କରିଛନ୍ତି।

## ବ୍ୟାଙ୍କ୍ କର୍ମଚାରୀ ପିନ୍ଧିଲେ କଳାବ୍ୟାଜ୍

**ବାଙ୍କୀ, ୨୨।୧୨(ସ୍ୱ.ପ୍ର.)**

**ସପ୍ତମ ଅର୍ଥ କମିଶନ୍ ବେତନ ଦାବି**

କଟକ ଜିଲା ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ସପ୍ତମ ଅର୍ଥ କମିଶନ୍ ବେତନ ପ୍ରଦାନ ପାଇଁ ଦାବି କରାଯାଇଛି। ଏନେଇ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ଜଣାଇଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ସପ୍ତମ ଅର୍ଥ କମିଶନ୍‌ରେ ବେତନ ପ୍ରଦାନ ପାଇଁ ସମସ୍ତ ଆବଶ୍ୟକ କାଗଜପତ୍ର ପ୍ରଦାନ କରାଯାଇଛି। ମାତ୍ର ବ୍ୟାଙ୍କ୍ କର୍ତ୍ତୃପକ୍ଷ ଏନେଇ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କର୍ମଚାରୀଙ୍କ ମଧ୍ୟରୁ ୫ଜଣ ଲେଖାଏ ପ୍ରତିଦିନ ବ୍ୟାଙ୍କ୍ ସଭାପତି ଓ ସମ୍ପାଦକଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଜ ପରିଧାନ କରି ବସିରହିବେ ବୋଲି କର୍ମଚାରୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ତୁରନ୍ତ ଏସମ୍ପର୍କରେ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନର ପନ୍ଥା ଅବଲମ୍ବନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ୧୦ ଶାଖାର କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରିଥିବା ସୂଚନା ମିଳିଛି।

## ପୋଖରୀରୁ ମିଳିଲା ଯୁବକଙ୍କ ମୃତଦେହ

**ହତ୍ୟା ଅଭିଯୋଗ ଆଣିଲେ ମାମୁ**

**କଟକ ସଦର,୨୨।୧୨(ଡି.ଏନ୍.ଏ.)**

କିଶୋରନଗର ପୋଲିସ ରବିବାର ଅପରାହ୍ନରେ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ କିଶୋରନଗର ଥାନା ଅନ୍ତର୍ଗତ କିଶୋରନଗର ଗ୍ରାମର ଆଶିଷ କୁମାର ଗୋସ୍ୱାମୀ। ଆଶିଷଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ମାମୁ ସରୋଜ ମୁଖାର୍ଜୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ହତ୍ୟା ମାମଲା (ନଂ.୧୭୩/୧୯)ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଶନିବାର ରାତିରେ ଆଶିଷ ଭୁବନେଶ୍ୱର ଯିବା ପାଇଁ ଘରୁ ବାହାରିଥିଲେ। କିନ୍ତୁ ରବିବାର ସକାଳେ ପୋଖରୀରେ ଆଶିଷଙ୍କ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଥିଲା। ଆଶିଷଙ୍କୁ କେହି ହତ୍ୟା କରି ପୋଖରୀରେ ଫିଙ୍ଗି ଦେଇଥିବା ତାଙ୍କ ମାମୁ ସରୋଜ ଏତଲାରେ ଦର୍ଶାଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ବାମଦେବ ସ୍ୱାଇଁ କହିଛନ୍ତି।

## ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ୍

**ନରାଜ,୨୨।୧୨(ଡି.ଏନ୍.ଏ.)**

ବାରଙ୍ଗ ଥାନା ନରଣପୁର ଗ୍ରାମସ୍ଥିତ ବାଲିଘାଟ କାର୍ଯ୍ୟାଳୟରୁ ରବିବାର ଭୋର ସମୟରେ ୫ ଜଣ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ପ୍ରତିଦିନ ଭଳି ବାଲିଘାଟ କାର୍ଯ୍ୟାଳୟରେ ସୁନୀଲ କୁମାର ସାମଲ, ଶଙ୍କର ଓ ବନୁ ପାଳ ରାତି ଡ୍ୟୁଟିରେ ଥିଲେ। ଏହି କାର୍ଯ୍ୟାଳୟର ଗୋଟିଏ ଘରେ ଡ୍ରାଇଭରମାନେ ଶୋଇଥିଲେ। ଭୋର ସମୟରେ ୫ ଜଣ ଦୁର୍ବୃତ୍ତ ମୁହଁରେ ରୁମାଲ ଓ ମୁଣ୍ଡରେ ହେଲମେଟ ପିନ୍ଧି ସେଠାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ କେତେକ ଦୁର୍ବୃତ୍ତ ସୁନୀଲଙ୍କୁ ବନ୍ଧୁକ ଦେଖାଇଥିବା ବେଳେ ଅନ୍ୟ ସହଯୋଗୀମାନେ ଅଫିସ୍‌ର ଏକ ଝରକା ଭାଙ୍ଗି ଭିତରେ ପଶିଥିଲେ। ଦୁର୍ବୃତ୍ତମାନେ ଅଫିସ୍‌ର ଏକ ଡ୍ରୟରରୁ ଟଙ୍କା ଲୁଟି ନେବା ସହ କାନ୍ଥକୁ ଏକ ରାଉଣ୍ଡ ଗୁଳିଚାଳନା କରିଥିଲେ। ପରେ ଡ୍ରାଇଭରଙ୍କ ସମେତ ରାତି ଡ୍ୟୁଟିରେ ଥିବା କର୍ମଚାରୀଙ୍କ ମୋବାଇଲ ଲୁଟି ନେଇଥିଲେ। ଏଥିସହ କାର୍ଯ୍ୟାଳୟରେ ଲାଗିଥିବା ସିସି ଟିଭି କ୍ୟାମେରା ଭାଙ୍ଗି ମେସିନ ସାଙ୍ଗରେ ନେଇଯାଇଥିଲେ। ସକାଳେ କର୍ମଚାରୀମାନେ କାଉଣ୍ଟର ପାଖ ଝରକାରେ ଏକ ଖୋକା ପଡିଥିବା ଦେଖିଥିଲେ। ଏନେଇ ସୁନୀଲ ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି ପୋଲିସ ପକ୍ଷରୁ ମାମଲା (ନଂ.୨୨୧/ ୧୯)ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଏ ସମ୍ପର୍କରେ ବାରଙ୍ଗ ଥାନା ସବ୍‌ଇନ୍ସପେକ୍ଟର କୈଳାଶଚନ୍ଦ୍ର ମିଶ୍ର କହିଛନ୍ତି, ଦୁର୍ବୃତ୍ତମାନେ ଧମକାଇ ଅଫିସରୁ ଟଙ୍କା ଲୁଟ୍ କରିଛନ୍ତି। ମାତ୍ର ଗୁଳି ଚାଳନା ହୋଇନାହିଁ।

## ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ରରେ ନାହାନ୍ତି କର୍ମଚାରୀ

**କଟକ ସଦର,୨୨।୧୨(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅର୍ନ୍ତଗତ ପରମହଂସ ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ରରେ କେହି କର୍ମଚାରୀ ନାହାନ୍ତି। ଫଳରେ ଗତ ଦୁଇ ବର୍ଷ ହେବ ଏହି କେନ୍ଦ୍ର ଅଚଳାବସ୍ଥାରେ ପଡ଼ିରହିଛି। ୨୦୧୭ରେ ପ୍ରାଣୀଧନ ନିରୀକ୍ଷକ ଅବସର ନେବା ପରେ ସେହି ସ୍ଥାନରେ ଆଉ କାହାକୁ ନିଯୁକ୍ତି ଦିଆଯାଇନାହିଁ। ସେହିପରି ଦୁଇ ବର୍ଷ ହେବ ଏହି କେନ୍ଦ୍ରରେ ସହାୟକ ମଧ ନାହାନ୍ତି। ଫଳରେ ଉଭୟ ପଦବୀ ଖାଲି ପଡ଼ିଛି। ଉଭୟ ପଦବୀ ପୂରଣ ପାଇଁ ପରମହଂସ ସରପଞ୍ଚ ମିନତୀ ବେହେରା କଟକ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

## ମାଧ୍ୟମିକ ଶିକ୍ଷା ପରିଷଦର ପ୍ରତିଷ୍ଠା ଦିବସ

**କଟକ ଅଫିସ,୨୨।୧୨**

ମାଧ୍ୟମିକ ଶିକ୍ଷା ପରିଷଦର ୬୪ତମ ପ୍ରତିଷ୍ଠା ଦିବସ ରବିବାର କଟକସ୍ଥିତ ପରିଷଦର ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ରାମାଶିଷ ହାଜରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ କହିଥିଲେ, ଆଗାମୀ ଦିନରେ ପରିଷଦର ନୂତନ ଚିନ୍ତାଧାରା ଓ ସଂସ୍କାର ରାଜ୍ୟର ଶିକ୍ଷାବିତ୍‌ଙ୍କ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାକୁ ଶାନ୍ତିଶୃଙ୍ଖଳାର ସହିତ ଶେଷ କରାଯିବା ଉପରେ ଗୁରୁତ୍ୱ ଦିଆଯିବ। ଗତ ବର୍ଷରେ ମାଟ୍ରିକ ପରୀକ୍ଷା ପରିଚାଳନାରେ ଯେଉଁ ତ୍ରୁଟି ରହିଥିଲା, ଚଳିତବର୍ଷ ସେଭଳି ସମସ୍ୟା ଯେପରି ନ ରୁହେ ସେଥିପ୍ରତି କର୍ତ୍ତୃପକ୍ଷ ସଜାଗ ରହିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ସଭାପତି ତଥା ଓଡ଼ିଶା ଲୋକସେବା ଆୟୋଗର ସଦସ୍ୟ ପ୍ରଫେସର ସତ୍ୟକାମ ମିଶ୍ର ଯୋଗଦେଇ ପରୀକ୍ଷା ପରିଚାଳନା ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ଗଙ୍ଗାଧର ସାହୁ ଯୋଗ ଦେଇଥିବାବେଳେ ଡ. ନୀହାର ରଞ୍ଜନ ମହାନ୍ତି ଧନ୍ୟବାଦ ଦେଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

**କ୍ୟାମ୍ପସ୍ ହାଲ୍‌ଚାଲ୍**

## କ୍ରିକେଟ୍ ଚର୍ଚ୍ଚା ସହ ନୂଆବର୍ଷ ପ୍ରସ୍ତୁତି

**କଟକ ଅଫିସ,୨୨।୧୨:** ମହାବିଦ୍ୟାଳୟ ହେଉ କି ବିଶ୍ୱବିଦ୍ୟାଳୟ, ସବୁଠି ଛାତ୍ରୀଛାତ୍ରମାନେ ଖଟି କରିଥାଆନ୍ତି। କ୍ଲାସ ସାରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଖଟି ଜମିଥାଏ। କ୍ୟାମ୍ପସର ସବୁ କଥା ଏହି ଖଟିରେ ପଡ଼ିଥାଏ। ଏଭଳି ଏକ ଯୁବପିଢ଼ିଙ୍କ ସହ ଆଲୋଚନା କରିବା ପାଇଁ ଆମେ ପହଞ୍ଚିଥିଲୁ କଟକ ରାଜାବଗିଚାସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି ମହାବିଦ୍ୟାଳୟ କ୍ୟାମ୍ପସ୍‌ରେ। ରାଜନୀତି ବିଜ୍ଞାନ ବିଭାଗର ସ୍ନାତକ ଛାତ୍ରୀଛାତ୍ରମାନେ କ୍ଲାସ ସାରି ମହାବିଦ୍ୟାଳୟର ମୁଖ୍ୟ ଫାଟକ ନିକଟରେ ଖଟି ଜମାଇଥିଲେ। ସେଠାରେ ସେମାନେ ଆଲୋଚନା କରୁଥିବା ବିଷୟକୁ ନେଇ ଆମର ଏହି ସ୍ୱତନ୍ତ୍ର ସ୍ତମ୍ଭ...

ପ୍ରତିଦିନ କ୍ଲାସ୍ ସାରି ସାଙ୍ଗମାନେ ମହାବିଦ୍ୟାଳୟ ମୁଖ୍ୟଫାଟକ ନିକଟରେ ଖଟି କରିଥାଉ। ଏଠାରେ ରାଜନୀତି ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରମାନେ ହିଁ ବସିଥାନ୍ତି। ପାଠ୍ୟକ୍ରମ ସମ୍ପର୍କରେ ସବୁ ସମୟରେ ଆଲୋଚନା ହୋଇଥାଏ ବୋଲି ଛାତ୍ରୀ ପ୍ରିୟଙ୍କା ବିଶ୍ୱାଳ କହିଥିଲେ। ଖଟି ଆରମ୍ଭ ହେବା ମାତ୍ରେ ସାଙ୍ଗମାନଙ୍କ ମଧ୍ୟରେ ସେଲ୍‌ଫି ନେବା ପାଇଁ ତତ୍ପରତା ଦେଖାଦେଇଥାଏ। ଡିସେମ୍ବରରେ ଆମର କିଛି ସାଙ୍ଗଙ୍କର ଜନ୍ମଦିନ ରହିଛି। ଏହାକୁ ଭଲଭାବେ ପାଳନ ପାଇଁ ଆଲୋଚନା କରିଥିଲୁ। ଏଥିସହ ଆଗକୁ ବଡ଼ଦିନ, ନୂଆବର୍ଷ ଆସୁଥିବାରୁ ଏହାକୁ ଭଲ ଭାବେ ପାଳନ ପାଇଁ ପ୍ରସ୍ତୁତି ଚାଲିଛି ବୋଲି ଛାତ୍ର ସ୍ୱରୂପ କର କହିଥିଲେ। ସେହିପରି ଛାତ୍ର ସୌମ୍ୟରଞ୍ଜନ ଦାସ କହିଥିଲେ, ବହୁଦିନ ପରେ କଟକରେ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ହେବ। ସାଙ୍ଗମାନେ ଟିକଟ ପାଇଁ ରାତି ୧୨ଟାରୁ ଲାଇନରେ ଛିଡା ହୋଇଥିଲୁ। ହେଲେ ଟିକଟ ମିଳିଲା ନାହିଁ। କଳାବଜାରକାରୀମାନେ ଅଧିକ ଦାମରେ ଟିକଟ ବିକ୍ରି କରିବାରୁ ଆମେ କିଣିବା କଷ୍ଟକର। ଏହି ଖଟିରେ ଛାତ୍ର ବିକାଶ ରାଜ, କଳିଙ୍ଗ କେଶରୀ ନାୟକ, ଅରିତ କୁମାର ମହାପାତ୍ର, ସନାତନ ସେଠୀ, ସୌରଭ ବାରିକ, ଛାତ୍ରୀ ପ୍ରଜ୍ଞା ଭାରତୀ ଜେନା, ସୁସ୍ମିତା ଦେହୁରୀ, ସୁଶ୍ରୀ ପ୍ରଲିପ୍ତା ସାହୁ ଉପସ୍ଥିତ ଥିଲେ।

**ରିପୋର୍ଟ-ଅଶୋକ କୁମାର ବାରିକ**



### ଚୁମ୍ବକରେ ମହାବିଦ୍ୟାଳୟ

୧୯୭୯ରେ ଏହି ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ନେତାଜୀ ସୁଭାଷ ସ୍ମାରକୀ ସିଟି ମହାବିଦ୍ୟାଳୟ ଭାବେ ନାମିତ କରାଯାଇଥିଲା। ଏଠାରେ ଯୁକ୍ତ ୨ ଓ ଯୁକ୍ତ ୩ ପାଠ୍ୟକ୍ରମ ରହିଛି। ଯୁକ୍ତ ୨ କଳାରେ ୨୫୬ ସିଟ୍, ବାଣିଜ୍ୟରେ ୨୫୬ ଓ ବିଜ୍ଞାନରେ ୧୯୨ ସିଟ୍ ରହିଛି। ସେହିପରି ଯୁକ୍ତ ୩ କଳାରେ ୨୫୬ ସିଟ୍, ବାଣିଜ୍ୟରେ ୧୯୨ ସିଟ୍ ଓ ବିଜ୍ଞାନରେ ୧୨୮ ସିଟ୍ ରହିଛି।

### କ'ଣ ରହିଛି ସମସ୍ୟା

ପ୍ରତିଦିନ ମହାବିଦ୍ୟାଳୟ କ୍ୟାମ୍ପସ୍ ପରିସରରେ ଅଣଛାତ୍ର ପ୍ରବେଶ କରୁଛନ୍ତି। ଫଳରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ସୃଷ୍ଟି ହେଉଛି। କଲେଜରେ ଛାତ୍ରୀମାନେ ଅସୁରକ୍ଷିତ ମନେ କରୁଛନ୍ତି। ସେହିପରି ମହାବିଦ୍ୟାଳୟରେ ଖେଳପଡିଆ ଓ ପାଠାଗାରର ସମସ୍ୟା ରହିଛି। ଏହି ସମସ୍ୟାର ସମାଧାନ ପାଇଁ ଛାତ୍ରୀଛାତ୍ର ଦାବି କରିଛନ୍ତି।

## ସଂକ୍ଷେପରେ

### ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ହାତୀ

**ଖୋର୍ଦ୍ଧା ଅଫିସ, ୨୨।୧୨:** ଖୋର୍ଦ୍ଧା ବନଖଣ୍ଡ ଗୋଡା ଲୋକନାଥ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ମାଈହାତୀ ରବିବାର ରାତିରେ ଅଟକି ରହି ସ୍ଥାନୀୟ ଅଞ୍ଚଳର ଧାନ ଫସଲ ନଷ୍ଟ କରିବା ଜାରି ରଖିଛି। ଲୋକେ ଘଉଡାଇବା ପରେ ହାତୀଟି ନିକଟସ୍ଥ କାଜୁ ଜଙ୍ଗଲକୁ ଚାଲିଯାଇ ବାରମ୍ବାର ଖାଦ୍ୟ ଅନ୍ୱେଷଣରେ ଗୋଡା ଗାଁ ଭିତରକୁ ଓ ଧାନ ଜମିକୁ ଆସୁଥିଲା। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସ୍ଥାନୀୟ ଲୋକେ ରାତି ଉଜାଗର ରହି ହାତୀ ଘଉଡାଇବାରେ ଲାଗିଛନ୍ତି।

### ‘ସତ ଖବର ପ୍ରକାଶ କରିବା ଖବରକାଗଜର ଧର୍ମ’

ଭୁବନେଶ୍ୱର, ୨୨।୧୨(ବ୍ୟୁରୋ): ନିର୍ଭୀକ ଓ ସତ ଖବର ପ୍ରକାଶ କରିବା ପ୍ରତ୍ୟେକ ଖବରକାଗଜର ଧର୍ମ। ଦୈନିକ ଖବରକାଗଜ ସଂଚାରର ସପ୍ତମ ସ୍ୱନକ୍ଷତ୍ର ଉତ୍ସବରେ ଯୋଗଦେଇ ମୁଖ୍ୟ ଅତିଥି ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଏହା କହିଛନ୍ତି। ଅବସରପ୍ରାପ୍ତ ପ୍ରଶାସକ ପ୍ରସନ୍ନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ସାମ୍ପ୍ରତିକ ସମୟରେ ଖବରକାଗଜର ନିରପେକ୍ଷତା ଗୁରୁତ୍ୱପୂର୍ଣ୍ଣ। ଗୋପବନ୍ଧୁଙ୍କ ଭଳି ସମ୍ବେଦନଶୀଳ ସାମ୍ବାଦିକଙ୍କର ବର୍ତ୍ତମାନ ସମୟରେ ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ପାରାଦୀପ ବିଧାୟକ ସମ୍ବିତ୍ ରାଉତରାୟ ଯୋଗଦେଇଥିବାବେଳେ ନିର୍ଦ୍ଦେଶିକା ଗୀତାଞ୍ଜଳି ରାଉତରାୟ, ପ୍ରୀତିନନ୍ଦା ରାଉତରାୟ ଓ ପୁନମ ବେଦୀ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରସନ୍ନ ମିଶ୍ରଙ୍କୁ ‘ସଂଚାର-୨୦୧୯’ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ୧୨ଜଣ ସାମ୍ବାଦିକଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରକାଶକ ତଥା ପରିଚାଳନା ନିର୍ଦ୍ଦେଶକ ମୂରଲୀଧର ସ୍ୱାଇଁ ଅଧକ୍ଷତା କରିଥିବାବେଳେ ବାର୍ତ୍ତା ସଂପାଦକ ହରିହର ତ୍ରିପାଠୀ ସ୍ୱାଗତଭାଷଣ ଓ ବରିଷ୍ଠ ସାମ୍ବାଦିକ ମାଧବାନନ୍ଦ ବେହୁରା ଧନ୍ୟବାଦ ଦେଇଥିଲେ।

### ଖୋର୍ଦ୍ଧା ମହୋତ୍ସବ ଉଦ୍‌ଯାପିତ

**ଖୋର୍ଦ୍ଧା ଅଫିସ,୨୨।୧୨:** ଖୋର୍ଦ୍ଧା ଷ୍ଟାଡିୟମରେ ନିଉ ଥିଙ୍କିଂ ଫୋରମ ପକ୍ଷରୁ ୧୬ ତାରିଖରୁ ଆରମ୍ଭ ହୋଇଥିବା ଖୋର୍ଦ୍ଧା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଟାଙ୍ଗୀ ରତନପୁରର କଳିଙ୍ଗ କନ୍ୟା ପାଇକ ଆଖଡାର ସାମରିକ କଳା କୌଶଳ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ସେହିପରି ମା’ ଅଁଳେଇ ପାଇକ ଆଖଡା ଖୋର୍ଦ୍ଧା, ବ୍ଲାକ ସ୍ୱାଇଡର ଡ୍ୟାନ୍ସଗ୍ରୁପ, ଜାଭିୟର ସ୍କୁଲ, କେନ୍ଦ୍ରାପଡାର ଗୋଟିପୁଅ ନୃତ୍ୟ ଅନୁରୂପ ଭାବେ ଦର୍ଶକଙ୍କୁ ମଞ୍ଚ ପାଖରେ ବାନ୍ଧି ରଖିଥିଲା।

### ୩ ପଞ୍ଚାୟତରେ ମାତିଲେ ଦୁର୍ବୃତ୍ତ

ଯାଁଳା ,୨୧। ୧୨ (ଡି.ଏନ.ଏ.)- ଜଟଣୀ ଥାନା ଅନ୍ତର୍ଗତ ଯାଁଳା ଫାଣ୍ଡି ଅଧୀନ ମଦନପୁର ପଞ୍ଚାୟତରେ ୩ଟି ଜାଗାରୁ ଦୁର୍ବୃତ୍ତମାନେ ଶୁକ୍ରବାର ବିଳମ୍ବିତ ରାତିରେ ଲୁଟ କରିଛନ୍ତି। ମଦନପୁର ଖେଳପଡିଆ ନିକଟରେ ଝାଡଖଣ୍ଡ, ଜାମସେଦପୁରର କେତେଜଣ ଛାତ୍ର ରହୁଥିଲେ। ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ସିଡିରେ ଫାଟକ ଦେଇ ଘର ଭିତରୁ ୨ ଗ୍ୟାସ ସିଲିଣ୍ଡର ନେଇ ଯାଇଥିଲେ। ସେହିପରି ମେଳଣପଡିଆରେ ଦୋକାନ କରିଥିବା ଜଣେ ଦୋକାନୀଙ୍କ ଷ୍ଟୋରରୁ ପ୍ରାୟ ୩୦ ହଜାର ଟଙ୍କାର ସାମଗ୍ରୀ ନେଇ ଯାଇଥିଲେ। ପଞ୍ଚାୟତର ଘରୋଇ କଲେଜ ଆଗରେ ଥିବା ପି. ସୁନିଲ ସୁବୁଦ୍ଧିଙ୍କ ଜଳଖିଆ ଦୋକାନ ତାଲା ଭାଙ୍ଗି ୩ ଗ୍ୟାସ ସିଲିଣ୍ଡର, ୨ ହଜାର ଟଙ୍କାର ସାମଗ୍ରୀ ସହ ଆସବାବପତ୍ର ମଧ ନେଇ ଯାଇଥିଲେ। ଯାଁଳା ଫାଣ୍ଡି ପୋଲିସ ପହଞ୍ଚି ଏହାର ତଦନ୍ତ କରିଥିଲା। ଅନୁରୂପ ଭାବେ ଚନ୍ଦକା ଥାନା ଅନ୍ତର୍ଗତ ମେଣ୍ଢାଶାଳା ଫାଣ୍ଡି ଅଧୀନ ଛତାବର ବଜାରରେ ଥିବା ଏକ ଭେରାଇଟ ଷ୍ଟୋରରୁ ଦୁର୍ବୃତ୍ତମାନେ ୪୦ ହଜାର ଟଙ୍କାର ସାମଗ୍ରୀ ବିଳମ୍ବିତ ରାତ୍ରିରେ ଲୁଟି ନେଇ ଯାଇଛନ୍ତି। ଏଥିସହ ମେଣ୍ଢାଶାଳ ବଜାର ଓ କୁକୁଡା ମୁଣ୍ଡି ବଜାରରୁ ମଧ ଚୋରି ହୋଇଥିବା ଜଣାପଡିଛି।

■ ମା’ ଉଗ୍ରତାରା ପିକ୍‌ନିକ୍ ସ୍ଥଳରେ ପର୍ଯ୍ୟଟକଙ୍କୁ ମିଳୁନି ସୁବିଧା

# ଖୁସିରେ ଆସି ନିରାଶରେ ଫେରୁଛନ୍ତି



ପର୍ଯ୍ୟଟନସ୍ଥଳରେ ବୁଲିବାକୁ ଆସିଥିବା ପର୍ଯ୍ୟଟକମାନେ ।

ନିରାକାରପୁର,୨୨।୧୨(ଡି.ଏନ୍.ଏ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ସାନ ରାଉତପଡା ପଞ୍ଚାୟତ ହାତୀଆଣ୍ଠୁଣି ପାଦଦେଶର ମୂଳିଝରଠାରେ ଅବସ୍ଥିତ ମା’ ଉଗ୍ରତାରାଙ୍କ ପୀଠ ହେଉଛି ଓଡ଼ିଶାର ଅନ୍ୟତମ ପର୍ଯ୍ୟଟନ ସ୍ଥଳ। ପୀଠ ନିକଟରେ ଥିବା ପିକ୍‌ନିକ୍‌ସ୍ଥଳରେ ଭୋଜିଭାତ କରିବାକୁ ପର୍ଯ୍ୟଟକମାନେ ପସନ୍ଦ କରିଥାନ୍ତି। ବର୍ତ୍ତମାନ ପିକ୍‌ନିକ୍ ଋତୁ ଚାଲିଥିବା ଯୋଗୁ ଦୈନିକ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି। ହେଲେ ଏଠାରେ ସାମାନ୍ୟତମ ସୁବିଧା ନାହିଁ। କେବଳ ପର୍ଯ୍ୟଟକଙ୍କଠାରୁ ବିଭିନ୍ନ ପ୍ରକାରର ଫି ଆଦାୟକୁ ଗୁରୁତ୍ୱ ଦିଆଯାଉଛି। ପର୍ଯ୍ୟଟକମାନେ ଖୁସିରେ ଏଠାକୁ ଆସୁଥିବା ବେଳେ ଅବ୍ୟବସ୍ଥା ଦେଖି ନିରାଶରେ ଫେରୁଛନ୍ତି।

ଏବେ ଚାଲିଛି ପିକ୍‌ନିକ୍ ଋତୁ। ମା’ଙ୍କ ପୀଠକୁ କେବଳ ଓଡ଼ିଶାର କୋଣ ଅନୁକୋଣରୁ ନୁହଁ, ବରଂ ବାହାରୁ ଦୈନିକ ଶତାଧିକ ଲୋକ ମା’ଙ୍କ ଦର୍ଶନ ସହ ଭୋଜିଭାତ କରିବାକୁ ଆସୁଛନ୍ତି। ହେଲେ ନାନା ଅବ୍ୟବସ୍ଥା ଘେରରେ ବର୍ତ୍ତମାନ ଏହି ସ୍ଥାନଟି ରହିଛି। ମନ୍ଦିରଟି ଓଡ଼ିଶା ପର୍ଯ୍ୟଟନ ବିଭାଗ ଅଧୀନରେ ଅଛି। ଏଣୁ ବିଭାଗ ପକ୍ଷରୁ ଶୌଚାଳୟ ନିର୍ମାଣ କରାଯାଇଛି। ହେଲେ ଶୌଚାଳୟଟି ବନ୍ଦ ରହୁଛି। ଭିତରେ ସାଇକେଲ, ଜାଳେଣି କାଠ ସହ ଅଦରକାରୀ ଜିନିଷ ରଖାଯାଇଥିବା ଦେଖିବାକୁ ମିଳୁଛି। ଶୌଚ କାର୍ଯ୍ୟ ପାଇଁ ମହିଳା ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପିକ୍‌ନିକ୍ ସ୍ଥଳରେ ବିଦ୍ୟୁତ୍ ବ୍ୟବସ୍ଥା ନାହିଁ। ଭିଡ ବଢୁଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ପର୍ଯ୍ୟଟକମାନେ ସନ୍ଧ୍ୟା ପୂର୍ବରୁ ଜାଗା ଛାଡିବାକୁ ବାଧ ହେଉଛନ୍ତି। ଅପରପକ୍ଷେ ଭୋଜି ରାନ୍ଧିବାକୁ ଜାଗା ରଖିବାକୁ ନେଇ ବହୁ ସମୟରେ ଉତ୍ତେଜନା ଦେଖାଦେଉଛି। ସେଠାରେ ଥିବା ପିଣ୍ଡିଗୁଡିକୁ କେତେଜଣ ବ୍ୟକ୍ତି ପାଲ ପକାଇ ଜଗି ରହୁଛନ୍ତି। ପାନୀୟ ଜଳ ଟ୍ୟାବ୍ ସୀମିତ ଥିବାରୁ ପାଣି ନେବାକୁ ଲମ୍ବା ଧାଡ଼ି ଲାଗୁଛି। ପିକ୍‌ନିକ୍ ସ୍ଥଳକୁ ସଫା କରାଯାଉନାହିଁ। ବାସି ଖାଦ୍ୟ ଏଣେତେଣେ ପଡ଼ି ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି। ଦୁର୍ଗନ୍ଧ ଯୋଗୁ ଠିଆ ହେବା କଷ୍ଟ ହୋଇପଡୁଛି। ଅସ୍ୱାସ୍ଥ୍ୟକର ପରିବେଶରେ ରୋଷେଇ କରିବା କିମ୍ବା ଖାଇବାକୁ ପର୍ଯ୍ୟଟକମାନେ ପସନ୍ଦ କରୁନାହାନ୍ତି। ଆସୁଥିବା ପର୍ଯ୍ୟଟକମାନଙ୍କଠାରୁ ବିଭିନ୍ନ ପ୍ରକାରର ଫି ଜୋରଜବରଦସ୍ତ ଆଦାୟ କରାଯାଉଛି। ଏହାକୁ ନେଇ ପର୍ଯ୍ୟଟକଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି।

## ଏମାନେ ଯାହା କୁହନ୍ତି...

ଦେବୋତ୍ତର ବିଭାଗ ମନ୍ଦିରକୁ ନିଜ ଅଧୀନକୁ ନେଇଛି। ପୂର୍ବରୁ ଖୋର୍ଦ୍ଧା ଉପଜିଲାପାଳ ଏହାର ଦାୟିତ୍ୱରେ ଥିଲେ। କିନ୍ତୁ ଏହି ସ୍ଥଳର ବିକାଶ ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ମା’ଙ୍କ ଆକାଉଣ୍ଟରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜମା ରହିଛି। ତାହା କୌଣସି କାମରେ ଆସୁନି। ଯଦି ୧୬ ନମ୍ବର ଜାତୀୟ ରାଜପଥରୁ ମା’ଙ୍କ ପୀଠ ପର୍ଯ୍ୟନ୍ତ ଲାଇଟର ବ୍ୟବସ୍ଥା କରାଯାଇ ପାରନ୍ତା ତେବେ ଭଲ ହୁଅନ୍ତା।

**–ଅଶୋକ କୁମାର ପାତ୍ର, ପର୍ଯ୍ୟଟକ**

ମା’ ଉଗ୍ରତାରାଙ୍କ ପୀଠକୁ ଆସୁଥିବା ମହିଳାମାନେ ଶୌଚ ଲାଗି ହଇରାଣ ହେଉଛନ୍ତି। ଡଷ୍ଟବିନ୍ ସଫା ହେଉନି। ପରିସରରେ ପଡ଼ିଥିବା ଚିକେନ, ମଟନ, ମାଛ, ବାସୀ ଜିନିଷ ଶଡ଼ି ଦୁର୍ଗନ୍ଧ ହେଉଛି। ଏସବୁ ସଫା ନ କରି ଜୋର ଜବରଦସ୍ତ ଫି ଆଦାୟ କରାଯାଉଛି।

**–ବିଷ୍ଣୁପ୍ରିୟା ସାହୁ, ପର୍ଯ୍ୟଟକ**

ପର୍ଯ୍ୟଟକମାନେ ଶୌଚାଳୟକୁ ଭାଙ୍ଗି ଦେଉଥିବା ଯୋଗୁ ବନ୍ଦ କରି ଦିଆଯାଇଛି। ମନ୍ଦିରରେ ୪ ଜଣ ସଫେଇ କର୍ମଚାରୀ ଅଛନ୍ତି, କିନ୍ତୁ ପିକ୍‌ନିକ୍ ସ୍ଥଳରେ କେହିନାହାନ୍ତି। ଆଲୋକୀକରଣ ବ୍ୟବସ୍ଥା ମନ୍ଦିର କର୍ତ୍ତୃପକ୍ଷ କରିନାହାନ୍ତି। ଆମେ କ’ଣ କରିବୁ।

**–କୁମର ପାତ୍ର, କେୟାରଟେକର**

ଆଗରୁ ଫି ନିଆଯାଉ ନ ଥିଲା। ସେମାନେ ନୂତନ ଭାବେ ରିଜୋଲ୍ୟୁଶନ କରିଥିବେ। ମୁଁ ଦେଖିବି। ଅନ୍ୟ ଯେଉଁ ସବୁ ସମସ୍ୟା କଥା କୁହାଯାଉଛି, ମୁଁ ବ୍ୟକ୍ତିଗତ ଭାବେ ବୁଝିବି।

**–ସୁନାକର କିଶାନ, ଟାଙ୍ଗି ତହସିଲଦାର ତଥା ମନ୍ଦିର ସମ୍ପାଦକ**

## ଫନ୍ ଫେୟାର ପ୍ରୋଗ୍ରାମ



ବିଶିଷ୍ଟ ହାସ୍ୟ ଅଭିନେତା ସ୍ମୃତି ରଞ୍ଜନ ମହାନ୍ତି(ନଟିଆ)ଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

**ଖୋର୍ଦ୍ଧା ଅଫିସ, ୨୨।୧୨:**

ଖୋର୍ଦ୍ଧା ସହର ବିଡିଏ କଲୋନୀସ୍ଥିତ ସିଗ୍‌ମା ପବ୍ଲିକ ସ୍କୁଲର ଫନ୍ ଫେୟାର ପ୍ରୋଗ୍ରାମ ସ୍ଥାନୀୟ କଲ୍ୟାଣୀ ମଣ୍ଡପ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ସମ୍ମାନିତ ଅତିଥି ରୂପେ ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀ ବୈଦ୍ୟନାଥ ସାହୁ, ଆଇନଜୀବୀ ବିଧାନ ଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ମେରୀ ଖ୍ରୀଷ୍ଟମାସ ଉତ୍ସବ ପାଳନ କରାଯାଇଥିଲା। ଏଥିରେ ବିଶିଷ୍ଟ ହାସ୍ୟ ଅଭିନେତା ସ୍ମୃତି ରଞ୍ଜନ ମହାନ୍ତି(ନଟିଆ), କଣ୍ଠ ଶିଳ୍ପୀ ପ୍ରଭୁ ପ୍ରସାଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡା ପ୍ରତିଯୋଗିତା, ଚିତ୍ରକଳା, ଏକକ ଅଭିନୟ, ସୁନ୍ଦର ହସ୍ତାକ୍ଷର, ପ୍ରବନ୍ଧ ଆଦି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲର ନିର୍ଦ୍ଦେଶକ ଶୁଭ୍ରାଂଶୁ ସାମନ୍ତରା ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ ଆସର ଲାଗି ରହିଥିଲା।

ଶଳାବୁଢ଼ା ସିରିଜ୍‌ର ତୃତୀୟ ଚଳଚ୍ଚିତ୍ର

## ‘ଶଳାବୁଢ଼ାର ବଦଲା’ର ପ୍ରିମିୟର ଶୋ

**ଭୁବନେଶ୍ୱର, ୨୨।୧୨(ବ୍ୟୁରୋ)**

ଅନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ‘ଶଳାବୁଢ଼ା’ ଏବଂ ‘ଆଦିମ ବିଚାର’ ପରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ରବିବାର ସନ୍ଧ୍ୟାରେ ସୂଚନାଭବନ ପ୍ରେକ୍ଷାଳୟରେ ତୃତୀୟ ଚଳଚ୍ଚିତ୍ର ‘ଶଳାବୁଢ଼ାର ବଦଲା’ର ପ୍ରିମିୟର ଶୋ’ ଅନୁଷ୍ଠିତ ହୋଇଯାଇଛି। ଏହା ଶଲାବୁଢା ସିରିଜ୍‌ର ତୃତୀୟ ଭାଗ ହୋଇଥିବାବେଳେ ଓଡ଼ିଶା ଚଳଚ୍ଚିତ୍ର ଇତିହାସରେ ଏହା ପ୍ରଥମଥର କୌଣସି ଚଳଚ୍ଚିତ୍ରର ତୃତୀୟ ଭାଗ ପରଦାକୁ ଆସିଛି। ପୂର୍ବ ସିନେମାଦ୍ୱୟ ପରି ଏହି ସିନେମାର କାହାଣୀ ମଧ କପିଳେଶ୍ୱର ମହାପାତ୍ର ରଚନା କରିଛନ୍ତି ଏବଂ ପଙ୍କଜ୍ ଝାଲ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଏ ନେଇ ନିର୍ଦ୍ଦେଶକ ମହାପାତ୍ର କହିଥିଲେ, ପ୍ରଥମ ଥର ପାଇଁ ଦର୍ଶକଙ୍କ ନିକଟରେ ଏହି ଚଳଚ୍ଚିତ୍ର ପ୍ରଦର୍ଶିତ ହେଉଛି। ପୂର୍ବ ଦୁଇଟି ଫିଲ୍ମ ଭଳି ‘ଶଲାବୁଢ଼ା ବଦ୍‌ଲା’ ମଧ ଦର୍ଶକଙ୍କ ଆସ୍ଥାଭାଜନ ହୋଇପାରିବ। ଚଳଚ୍ଚିତ୍ରର ପ୍ରମୁଖ ଭୂମିକାରେ ଅଟଳ ପଣ୍ଡା, ଜଗଦାନନ୍ଦ ଛୁରିଆ, ପ୍ରଦ୍ୟୁମ୍ନ, ପୁରୁଷୋତ୍ତମ, ଗଦାଧର, ମଣ୍ଟୁଙ୍କ ପରି ବହୁ ବିଶିଷ୍ଟ ପ୍ରତିଭା ଅଭିନୟ କରିଛନ୍ତି। କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ନିର୍ଦ୍ଦେଶକଙ୍କ ସମେତ ଶିଳ୍ପୀଗୁରୁ ରଘୁନାଥ ମହାପାତ୍ର, ପଦ୍ମଶ୍ରୀ ପ୍ରଫୁଲ୍ଲ କର, ବିଜୟ ମିଶ୍ର, ଅଭିନେତା ବିଜୟ ମହାନ୍ତି, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମନୋରଞ୍ଜନ ପାଣିଗ୍ରାହୀ ଏବଂ ଅକ୍ଷୟ ପରିଜା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ କୁମାର ଶ୍ରୀଦେବ ମହାଦେବ ଓ ଅଟଳ ବିହାରୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସଞ୍ଜୟ ହୋତା, ଅଶୋକ ତ୍ରିପାଠୀ, ସୁକାନ୍ତ ରଥ ଅଭିନେତ୍ରୀ ଅଞ୍ଜନା ପ୍ରମୁଖ ଅତିଥିମାନେ ଗୋପାଳ ପ୍ରଧାନ, ସୌମ୍ୟ, ରିଙ୍କୁ, ଦିଲୀପ ପାଣି ଓ ଡମ୍ବରୁଧର ବେହେରାଙ୍କୁ ସମ୍ମାନିତ କରିଥିଲେ।



ଖୋର୍ଦ୍ଧା ମହୋତ୍ସବର ଉଦ୍‌ଯାପନୀ ଦିବସରେ କଳିଙ୍ଗ କନ୍ୟା ପାଇକ ଆଖଡା ପକ୍ଷରୁ ସାମରିକ କଳା କୌଶଳ ପ୍ରଦର୍ଶନ ।

## ଦୋକାନ ତାଡ଼ି ୫ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ)**

ଇନ୍‌ଫୋସିଟି ଥାନା କାନନ୍ ବିହାର ଫେଜ୍-୨ ଅଞ୍ଚଳରେ ଥିବା ଲୁହାଛଡ଼ ଦୋକାନର ଶର୍ଟର ତାଡ଼ି କ୍ୟାଶ କାଉଣ୍ଟରରୁ ୮୦ ହଜାର ଟଙ୍କା ସହ ୫ ଲକ୍ଷ ଟଙ୍କାର ଲୁହା ସାମଗ୍ରୀ ଚୋରି ହୋଇଛି । ଦୋକାନୀ ସତ୍ୟନାରାୟଣ ପାତ୍ର(୪୨) ଏନେଇ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଦୋକାନରେ ଲାଗିଥିବା ସିସିଫୁଟେଜ୍ ସଂଗ୍ରହ କରି ତଦନ୍ତ ଚଳାଇଛି । ସୂଚନା ମୁତାବକ, ଶନିବାର ସଂଧ୍ୟାରେ ସତ୍ୟନାରାୟଣ ଦୋକାନର କ୍ୟାଶ ବକ୍ସରେ ୮୦ ହଜାର ଟଙ୍କା ରଖି ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ରବିବାର ସକାଳୁ ଦୋକାନ ଖୋଲି ଦେଖିବାବେଳକୁ ଦୋକାନର ଶର୍ଟର ତଡ଼ାଯାଇଥିଲା । କ୍ୟାଶବକ୍ସ ଭଙ୍ଗାଯାଇ ସେଥିରେ ଥିବା ୮୦ ହଜାର ଟଙ୍କା ଚୋରି ହୋଇଯାଇଛି। ଏଥି ସହ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଲୁହା ସାମଗ୍ରୀ ମଧ ଚୋରି ହୋଇଛି।

## ନନ୍ଦକିଶୋର ବଳଙ୍କ ଜୟନ୍ତୀରେ ସଚେତନତାର ବାର୍ତ୍ତା

**ଖୋର୍ଦ୍ଧା ଅଫିସ, ୨୨।୧୨:**

ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଜୟନ୍ତୀରେ ପ୍ରାଥମିକ ସାହିତ୍ୟ ସମାଜ ଖୋର୍ଦ୍ଧାର ସାମ୍ବତ୍ସରିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କ ଅଧକ୍ଷତା ଓ ସଂସ୍ଥାପକ ବୈକୁଣ୍ଠନାଥ ରାଜଗୁରୁଙ୍କ ଉଦ୍ୟମରେ ଅନୁଷ୍ଠିତ ଉତ୍ସବରେ ଆମରି ସତ୍ୟ ପତ୍ରିକାର ସଂସ୍ଥାପକ ପ୍ରାଧାପକ ପ୍ରମୋଦ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ଏବଂ ସାମାଜିକ କର୍ମୀ ରାମଶଙ୍କର ସମ୍ମାନିତ ଅତିଥି ରୂପେ ଯୋଗଦାନ କରି ଶିଶୁ କିଶୋରମାନଙ୍କ ପ୍ରତି ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରାଧାପକ ଗୋପାଳକୃଷ୍ଣ ଦାସ ଓଡ଼ିଶାରେ ଶିଶୁ ସାହିତ୍ୟର ଅତୀତ ଓ ବର୍ତ୍ତମାନ ବିଷୟରେ ତୁଳନାତ୍ମକ ବିବରଣୀ ଉପସ୍ଥାପନ କରିଥିଲେ। ଶିଶୁ ସାହିତ୍ୟିକ ତଥା ଶିଶୁ ଦରବାର ପ୍ରତିଷ୍ଠାତା ଡ. ଶରତ କୁମାର ଚଉଁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଅଧିବେଶନରେ ଡ. ନୀଳାଦ୍ରିନାଥ ଜଗଦ୍ଦେବ, ବକ୍ତା ବିକ୍ରମ କେଶରୀ ଚମ୍ପତି ଓ ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବିମାନେ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଏଥିପୂର୍ବରୁ ଦଧିମାଛଗାଡ଼ିଆ ଉଚ୍ଚ ବିଦ୍ୟାଳୟ, ସାମନ୍ତରାପୁର ପ୍ରାଥମିକ ବିଦ୍ୟାଳୟ, ବ୍ଲକ୍ ଆରଇଓ, ପ୍ରାଥମିକ ବିଦ୍ୟାଳୟ ଏବଂ ୱାନ ନେସ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଶିଶୁ କିଶୋର ଛାତ୍ରୀଛାତ୍ରମାନଙ୍କ ମଧରେ କରାଯାଇଥିବା କବିତାଗଳ୍ପଓପ୍ରବନ୍ଧଲିଖନପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।



୧୦% ଗରିବ ଆଧାରିତ ଆରକ୍ଷଣ ରାଜ୍ୟରେ ତୁରନ୍ତ ଲାଗୁ ଦାବିରେ ରବିବାର କ୍ରାନ୍ତିବୀର ସଙ୍ଗଠନ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ କରାଯାଉଛି।

## ମା’ ସାରଦାଦେବୀଙ୍କ ଜୟନ୍ତୀ

**ବୋଲଗଡ଼,୨୨।୧୨(ଡି.ଏନ.ଏ.):**

ବୋଲଗଡ଼ ବ୍ଲକ ଟିକାତାଳସ୍ଥିତ ଶ୍ରୀରାମକୃଷ୍ଣ ସେବାଶ୍ରମଠାରେ ରବିବାର ମା’ ସାରଦାଦେବୀଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରାତଃ ସମୟରେ ଭକ୍ତମାନେ ଜପ, ଧ୍ୟାନ, ଭଜନ, କୀର୍ତ୍ତନ କରିବା ପରେ ଶ୍ରୀରାମକୃଷ୍ଣଙ୍କ କଥାମୃତ ଶ୍ରବଣ କରିଥିଲେ। ମଧ୍ୟାହ୍ନରେ ସେବାଶ୍ରମ ପକ୍ଷରୁ ସୁଧାକର ସାମନ୍ତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିବେକାନନ୍ଦ ସଂସ୍କୃତ ବିଦ୍ୟାପୀଠର ଅଧ୍ୟକ୍ଷା ନଳିନୀ ସାହୁ ମା’ ସାରଦାଦେବୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଅଧ୍ୟାପିକା ସସ୍ମିତା ପଣ୍ଡା ମା’ଙ୍କ ଜୀବନୀ ଓ ତାଙ୍କ ବାଣୀ ବିଷୟରେ କହିଥିଲେ। ସ୍ୱାମୀ ଗଣେଶାନନ୍ଦ ଓ ରାଜକିଶୋର ଛୁଆଳସିଂହ ଭଜନ ପରିବେଷଣ କରିଥିଲେ। ସର୍ବେଶ୍ୱର ସାହୁ, ମନୋଜ ଗୁମାନସିଂହ, ଅଶୋକ କୁମାର ସାହୁ, ବାସୁଦେବ ମହାପାତ୍ର, ନାରାୟଣ ସାହୁ, କାହ୍ନୁ ଚରଣ ପଣ୍ଡା, ବାବାଜୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଉତ୍ସବରେ ଯୋଗଦେଇଥିବା ଭକ୍ତମାନେ।

■ ବହୁଚର୍ଚ୍ଚିତ ‘ଓଡ଼ିଆ ବର୍ଣ୍ଣବୋଧ’ ବିବାଦ ତୁଟିଲା

# ପ୍ରକାଶ ପାଇବନି ବିବାଦୀୟ ବର୍ଣ୍ଣବୋଧ

**ଚଣ୍ଡିଖୋଲ,୨୨।୧୨(ଡ଼ି.ଏନ.ଏ)**

ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ପ୍ରକାଶ କରାଯାଇଥିବା ବିବାଦୀୟ ‘ଓଡ଼ିଆ ବର୍ଣ୍ଣବୋଧ’କୁ ନେଇ ଗତ ପାଞ୍ଚ ବର୍ଷ ଧରି ଓଡିଶାର ଉଚ୍ଚ ନ୍ୟାୟାଳୟରେ ଚାଲିଥିବା ମାମଲା ଶେଷ ହୋଇଛି। ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଏହି ବିବାଦୀୟ ବର୍ଣ୍ଣବୋଧ ଆଉ ଛପାଯିବ ନାହିଁ କି ବିତରଣ କରାଯିବ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟରେ ସତ୍ୟପାଠ ପ୍ରଦାନ କରିବା ପରେ ଏହି ମାମଲାର ଅନ୍ତ ଘଟିଛି ବୋଲି ରବିବାର ଓଡ଼ିଆ ଚେତନା ପରିଷଦ ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ ଜଣାଯାଇଛି। ସୂଚନା ଥାଉକି, ବର୍ଷବର୍ଷ ଧରି ଓଡ଼ିଶାରେ ପ୍ରଚଳିତ ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ଲିଖିତ ମଧୁ ବର୍ଣ୍ଣବୋଧକୁ ଅନଧିକାର ଭାବେ ସଂଶୋଧିତ, ସମ୍ପାଦିତ କରି ଏବଂ ଓଡିଆ ଭାଷାର ନିଜସ୍ୱ ଲିଖନ ଶୈଳୀକୁ ବହୁଳ ଭାବେ ଓଲଟ ପାଲଟ କରି ୨୦୧୪ରେ ଓଡିଶା ସରକାରଙ୍କ ଅଧୀନ ଓଡିଆ ଭାଷା ପ୍ରତିଷ୍ଠାନ ତରଫରୁ ‘ଓଡିଆ ବର୍ଣ୍ଣବୋଧ’ ପ୍ରକାଶ କରାଯାଇଥିଲା। ପ୍ରାଥମିକ ବିଦ୍ୟାଳୟରେ ବିତରଣ ହେବାକୁ ଥିବା ଏହି ଓଡ଼ିଆ ବର୍ଣ୍ଣବୋଧକୁ ନେଇ ସେ ସମୟରେ ଓଡିଶାର ବୁଦ୍ଧିଜୀବୀ ଏବଂ ଓଡିଆ ଭାଷାପ୍ରେମୀ ଙ୍କ ମଧରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଥିଲା।




### ମୁଦ୍ରଣ କରାଯିବ ମଧୁବର୍ଣ୍ଣବୋଧ

ପ୍ରଚଳିତ ଓଡ଼ିଆ ବନାନ ଶୈଳୀକୁ ‘ଓଡିଆ ବର୍ଣ୍ଣବୋଧ’ ବିକୃତ କରିବ ବୋଲି ଦର୍ଶାଇ ପ୍ରଥମେ ଯାଜପୁର ଜିଲାର ବାଲିଚନ୍ଦ୍ରପୁରସ୍ଥିତ ଓଡିଆ ଚେତନା ପରିଷଦର ଆବାହକ ଅନନ୍ତ ଦେବଦର୍ଶୀ ଓଡ଼ିଶାର ଉଚ୍ଚ ନ୍ୟାୟାଳୟରେ ପ୍ରଥମେ ଏକ ଜନସ୍ୱାର୍ଥ ମାମଲା (ନଂ.୧୦୦୫୪/୨୦୧୪) ଦାୟର କରିଥିଲେ। ଏହାପରେ ଏହି ଘଟଣାରେ କଟକର ବୀଣାପାଣି ମହାନ୍ତି ଏବଂ ରଘୁନାଥ ମହାପାତ୍ରଙ୍କ ତରଫରୁ ଆଉ ଏକ ଜନସ୍ୱାର୍ଥ ମାମଲା (ନଂ. ୧୦୧୩୪/୨୦୧୪) ଦାଖଲ କରାଯାଇଥିଲା। ଏହି ଦୁଇ ମାମଲାର ଏକତ୍ର ଶୁଣାଣି କରି ଉଚ୍ଚ ନ୍ୟାୟାଳୟ ୨୦୧୪ ମେ ୨୮ରେ ଏହି ବିବାଦୀୟ ‘ଓଡିଆ ବର୍ଣ୍ଣବୋଧ’ର ପ୍ରକାଶନ, ବିତରଣ ଓ ବିକ୍ରି ଉପରେ ରହିତାଦେଶ ଜାରି କରିଥିଲେ। ଏହାର କିଛିଦିନ ପରେ ନଟବର ଶତପଥୀଙ୍କ ତରଫରୁ ‘ଓଡିଆ ବର୍ଣ୍ଣବୋଧ’ ସମ୍ପର୍କରେ ଆଉ ଏକ ଜନସ୍ୱାର୍ଥ ମାମଲା (ନଂ. ୧୫୩୧୬/୨୦୧୪) ରୁଜୁ କରାଯାଇଥିଲା। ଉଚ୍ଚ ନ୍ୟାୟଳୟ ୧୬ ଅକ୍ଟୋବର ୨୦୧୪ରେ ଶତପଥୀ ଏବଂ ମହାନ୍ତିଙ୍କର ଦୁଇଟିଯାକ ମାମଲାର ପରିସମାପ୍ତି ଘଟାଇ ଆବେଦନକାରୀଙ୍କୁ ନିଜ ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଜଣାଇବାକୁ ପରାମର୍ଶ ଦେଇଥିଲେ। ୨ ଡିସେମ୍ବର ୨୦୧୬ରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଏକ ନିର୍ଦ୍ଦେଶାନାମା ପ୍ରକାଶ କରିଥିଲେ ଯେ, ଭକ୍ତକବି ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଏବଂ ରାଜ୍ୟ ଭିତରେ ଏବଂ ବାହାରର ଛାତ୍ରୀଛାତ୍ରଙ୍କ ଆବଶ୍ୟକତାକୁ ଚାହିଁ ମଧୁ ବର୍ଣ୍ଣବୋଧ ପ୍ରକାଶନ କରାଯିବ।

## ସାହାରା ସ୍ପୋର୍ଟିଂ କ୍ଲବ ଚାମ୍ପିୟନ

ପୁରୀ ଅଫିସ: ତାଳବଣିଆରେ ସମ୍ପିତ ପୃଷ୍ଟି ସ୍ମୃତି ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଜିନ୍ସ ସ୍ପୋର୍ଟିଂ କ୍ଲବକୁ ହରାଇ ସାହାରା ସ୍ପୋର୍ଟିଂ କ୍ଲବ୍ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ଘନଶ୍ୟାମ ମର୍ଦ୍ଦରାଜ, ଗୌରହରି ପ୍ରଧାନ, ଚକ୍ରଧର ମହାପାତ୍ର, ପ୍ରସନ୍ନ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ସଂକ୍ଷେପରେ

### ସଂଘବଦ୍ଧ ଆକ୍ରମଣରେ ଯୁବତୀ ଗୁରୁତର

**ନିମାପଡ଼ା,୨୨।୧୨(ଡି.ଏନ୍.ଏ.):** ନିମାପଡ଼ା ଥାନା ଅନ୍ତର୍ଗତ ତେରବାଟିଆବିନ୍ଧା ଗ୍ରାମରେ ସଂଘବଦ୍ଧ ଆକ୍ରମରେ ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ଗୁରୁତର ମିନତି ବିଶ୍ୱାଳଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି। ମିନତିଙ୍କ ଅଭିଯୋଗକ୍ରମେ ଶନିବାର ପୋଲିସ ଏକ ମାମଲା (ନଂ.୩୩୦/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଛେଳି ଚରାଇବାକୁ କେନ୍ଦ୍ରକରି ମିନତିଙ୍କ ଦାଦା ପ୍ରଫୁଲ୍ଲ ବିଶ୍ୱାଳ ଓ ତାଙ୍କ ୩ ପୁଅ ତାଙ୍କୁ ଗାଳିଗୁଲଜ କରିବା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ମୁଣ୍ଡ ଫାଟିଯିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ମିନତିଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ୪ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି।

### ଜାତୀୟ ଶିକ୍ଷାନୀତି ସଂକ୍ରାନ୍ତ ଆଲୋଚନାଚକ୍ର

**ପୁରୀ ଅଫିସ,୨୨।୧୨:** ସୁରଜ ମଲ୍ଲ ଶାହା କଲେଜର ଶିକ୍ଷା ବିଭାଗ ଆନୁକୂଲ୍ୟରେ 'ଜାତୀୟ ଶିକ୍ଷା ନୀତି-୨୦୧୯ ଉଚ୍ଚଶିକ୍ଷା ବ୍ୟବସ୍ଥାର ଦୃଶ୍ୟପଟ' ଶୀର୍ଷକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଅଧକ୍ଷା ପ୍ରଫେସର ହରପ୍ରିୟା ଦାଶ ଅଧକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଗୌରାଙ୍ଗ ଚରଣ ନନ୍ଦ ଯୋଗଦେଇ ଶିକ୍ଷାନୀତିର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ମୀନାକ୍ଷୀ ଦାଶ, ରିତେଶ ମହାନ୍ତି, ଅଧାପିକା ଡ. ଦୀପ୍ତି ମହାନ୍ତି, ଶତେଶ୍ୱରୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀ ପ୍ରିୟଦର୍ଶିନୀ ଦାସ ଓ ସୁମିତ୍ରା ବେହେରା ମଞ୍ଚ ସଂଯୋଜନା କରିଥିଲେ।

### ବ୍ରହ୍ମଗିରିରେ ଡାକମେଳା

**ପୁରୀ ଅଫିସ, ୨୨।୧୨ :** ପୁରୀ ଉପଡାକମଣ୍ଡଳ ଆନୁକୁଲ୍ୟରେ ବ୍ରହ୍ମଗିରିସ୍ଥିତ ଅଲାରନାଥଙ୍କ ମନ୍ଦିର ପରିସରରେ ଶନିବାର ଡାକମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ମହାଡାକପାଳ ତଥା ପୋଷ୍ଟାଲ ସର୍ଭିସ ବୋର୍ଡ ସଦସ୍ୟ ଡ. ସନ୍ତୋଷ କୁମାର କମିଳା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡାକ ବିଭାଗର ବିଭିନ୍ନ ସେବା, ଡାକ ଜୀବନ ବୀମା, ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ଏବଂ ସଞ୍ଚୟ ବ୍ୟାଙ୍କ ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ଆଧାର ପେମେଣ୍ଟ ସିଷ୍ଟମ ଉପରେ ସେ ଗୁରୁତ୍ୱାରୋପ କରି ଗ୍ରାମୀଣ ଲୋକଙ୍କ ଆର୍ଥିକ ସଂଯୋଗୀକରଣ ସହିତ ଡେବିଟ୍ ମାଧମରେ ସେବା ଯୋଗାଇଦେବାକୁ କହିଥିଲେ। ଏହି ମେଳାରେ ଅତିଥି ଭାବେ ପୁରୀ ଡାକମଣ୍ଡଳର ବରିଷ୍ଠ ଡାକ ଅଧୀକ୍ଷକ ଆଦିତ୍ୟ କୁମାର ନାୟକ କୋର୍ ବ୍ୟାଙ୍କିଙ୍ଗ ସର୍ଭିସ ସମ୍ପର୍କରେ ବୁଝାଇଥିଲେ। ପୁରୀ ଡାକ ଉପମଣ୍ଡଳର ସହଡାକ ଅଧୀକ୍ଷକ ରମେଶ ଚନ୍ଦ୍ର ସାହୁ, ଅବିନାଶ ପାଣି, ମାନସ କୁମାର ପରିଡ଼ା, ସଞ୍ଜୀବ ଭୂୟାଁ ଯୋଗଦେଇଥିଲେ। ଗ୍ରାମୀଣ ଡାକସେବକ ଓ ସେବିକାମାନେ ଉପସ୍ଥିତ ଥିଲେ।

### ଆର୍‌ଏସ୍‌ଡବ୍ଲ୍ୟୁସିଓର ବାର୍ଷିକୋତ୍ସବ

**ପୁରୀ ଅଫିସ, ୨୨।୧୨:** ଅମଲା କ୍ଲବ ପରିସରରେ ରବିବାର ରାମଚଣ୍ଡୀ ସୋସିଓ ୱେଲଫେୟାର କଲ୍‌ଚରାଲ୍ ଅର୍ଗାନାଇଜେଶନ୍ (ଆର୍‌ଏସ୍‌ଡବ୍ଲ୍ୟୁସିଓ)ର ଦ୍ୱାଦଶତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଦିବାକର ପାତ୍ର ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଏମ୍‌ପି ପିନାକୀ ମିଶ୍ର, ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ଶିଳ୍ପପତି ନାରାୟଣ ପାତ୍ର, ବରିଷ୍ଠ ସେବାୟତ ଭଗବାନ ମହାସୁଆର, ପୂର୍ବତନ ନଗରପାଳ ସବ୍ୟସାଚୀ ମହାପାତ୍ର, ପୂର୍ବତନ ପୌର ସଦସ୍ୟ ଜନ୍ମେଶ୍ୱର ମହାନ୍ତି, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ଅନିରୁଦ୍ଧ ରାଉତ, ରାମଚନ୍ଦ୍ର ମିଶ୍ର, ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଅରୁଣ କୁମାର ଭଟ୍ଟାଚାର୍ଯ୍ୟ, ଉପସଭାପତି ପ୍ରଦ୍ୟୁମ୍ନ ମିଶ୍ର ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ସମୀର ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ନାଟକ 'ଦୁଃଖୀ ମଣିଷର ଇଜ୍ଜତ କେତେ' ମଞ୍ଚସ୍ଥ ହୋଇଥିଲା। ବିଟୁ ମହାନ୍ତିଙ୍କ ରଚିତ ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ ବିଭିନ୍ନ ଭୂମିକାରେ ହାପି, ଉମାନୀ, ରବି, ଅଞ୍ଜନ, ରତ୍ନାକର, କାହ୍ନୁ, ନାରାୟଣ, ବାଳକୃଷ୍ଣ, ହାଡିଆ, କୃପାସିନ୍ଧୁ, ଭୀମସେନ୍, ଇତି, ଶ୍ରଦ୍ଧା, ଚୁମୁକି, ଟିକିଲି ଓ ମାମାଲି ପ୍ରମୁଖ ଅଭିନୟ କରିଥିଲେ।

# 'ଆଗାମୀ ପିଢ଼ିକୁ ଦିଅନ୍ତୁ ଏକ ସୁନ୍ଦର ପ୍ରକୃତି'

**ପୁରୀ ଅଫିସ,୨୨।୧୨**

ଉପକୂଳ ପରିବେଶର ସୁରକ୍ଷା ବର୍ତ୍ତମାନ ଚ୍ୟାଲେଞ୍ଜ ହୋଇଛି। ଏ ଦିଗରେ ସମସ୍ତେ ସଚେତନ ହେବା ଦରକାର। ସମୁଦ୍ର ହେଉ ଅବା ବେଳାଭୂମି ଏହାକୁ ଆଦୌ ଅପରିଷ୍କାର କରିବା ଉଚିତ ନୁହେଁ । ପ୍ଲାଷ୍ଟିକ, ପଲିଥିନ ପରିବେଶକୁ ଅଧିକ ନଷ୍ଟ କରୁଛି । ତେଣୁ ଏଥିରୁ ସମସ୍ତେ ଦୂରେଇ ରହି ଆଗାମୀ ପିଢିକୁ ଏକ ସୁନ୍ଦର ପ୍ରକୃତି ଉପହାର ଦେବାକୁ ଆହ୍ୱାନ ଦେଇଛନ୍ତି ଜିଲାପାଳ ବଲୱନ୍ତ ସିଂ। ଆଇସିଜେଡ୍‌ଏମ୍‌ପି ପକ୍ଷରୁ ରବିବାର ଗୋଲ୍ଡେନ ବିଚ୍‌ରେ ଆୟୋଜିତ ପରିବେଶ ଶିକ୍ଷା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ଉପକୂଳ ପରିବେଶ ସଂରକ୍ଷଣ ସଚେତନତା ଉପରେ ବକ୍ତବ୍ୟ ରଖିଥିଲେ। ପୁରୀରେ ନିର୍ମାଣାଧୀନ ବ୍ଲୁ ଫ୍ଲାଗ ବେଳାଭୂମିର ସ୍ୱୀକୃତି ପାଇବା ପାଇଁ ଆମକୁ ଅନେକ ମାନଦଣ୍ଡ ପୂରଣ କରିବାକୁ ପଡ଼ିବ। ଭାରତର ୧୩ଟି ବ୍ଲୁ ଫ୍ଲାଗ ବିଚ୍ ମଧ୍ୟରୁ ପ୍ରସ୍ତୁତିରେ ଏବେ ପୁରୀ ଚତୁର୍ଥ ସ୍ଥାନରେ ରହିଛି। ଆରମ୍ଭରୁ ଏହା ଶେଷରେ ରହିଥିଲା। ସମସ୍ତଙ୍କ ସହଯୋଗ ରହିଲେ ପୁରୀ ୧ ନମ୍ବର ସ୍ଥାନ ହାସଲ କରିପାରିବ ବୋଲି ଜିଲାପାଳ କହିଥିଲେ। ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତାଙ୍କ ସଭାପତିତ୍ୱରେ

**ପରିବେଶ ଶିକ୍ଷା କାର୍ଯ୍ୟକ୍ରମ**

- ଉପକୂଳ ସଂରକ୍ଷଣ ଦିଗରେ ସମସ୍ତେ ସଚେତନ ହେବା ଦରକାର
- ସହଯୋଗ ଦ୍ୱାରା ପୁରୀ ବ୍ଲୁ ଫ୍ଲାଗ ବିଚ୍ ୧ ନଂ. ହୋଇପାରିବ: ଜିଲାପାଳ


କାର୍ଯ୍ୟକ୍ରମରେ ଜିଲାପାଳ ବଲୱନ୍ତ ସିଂ ଉଦ୍‌ବୋଧନ ଦେଉଛନ୍ତି।

ଆୟୋଜିତ ସଭାରେ ସେଣ୍ଟର ଫର୍ ଏନ୍‌ଭାଇରନମେଣ୍ଟ ଷ୍ଟଡିଜ୍ (ସିଇଏସ୍)ର ନିର୍ଦ୍ଦେଶକ ଡ. ଆଶୁତୋଷ ଦେବତା କହିଥିଲେ, ବାୟୁମଣ୍ଡଳରେ ଯେତେ ବିଷାକ୍ତ ବାଷ୍ପ ଏବଂ ସୂର୍ଯ୍ୟଙ୍କଠାରୁ ଆସୁଥିବା ବିକିରଣ ମଧ୍ୟରୁ ସମୁଦ୍ର ୮୦ ଭାଗ ଗ୍ରହଣ କରୁଛି। ସମୁଦ୍ର ହେଉଛି ଆମ ମା'। ଆମେ ଆତ୍ମା ହେଲେ ସମୁଦ୍ର ପରମାତ୍ମା। ତେଣୁ ଏହାର ସୁରକ୍ଷା ଦରକାର। ବିଶେଷକରି ଏବେ ବେଳାଭୂମି ଅଧିକ ମାତ୍ରାରେ କ୍ଷୟ ହେଉଛି। ଏହାର କାରଣ ଖୋଜାଯିବ। ସେହିପରି ଏହାର ସାମାଜିକ ଓ ଅର୍ଥନୈତିକ ପ୍ରଭାବ କିପରି ଲୋକଙ୍କ ଉପରେ ପଡୁଛି ସେଥିପାଇଁ ଗବେଷଣା କରାଯିବ। ସମୁଦ୍ର ମଧ୍ୟରେ ବିଭିନ୍ନ ଜଳଜ ଉଦ୍ଭିଦ, ଶୈବାଳ ଚାଷ କରାଯିବ। ଏହାଦ୍ୱାରା ଅତିରିକ୍ତ ଅଙ୍ଗାରକାମ୍ଳ ସମୁଦ୍ର ଗ୍ରହଣ କରିବ। ଫଳରେ ବାୟୁମଣ୍ଡଳ ହଠାତ୍ ଉତ୍ତପ୍ତ ହେବ ନାହିଁ। ତେଣୁ ସମୁଦ୍ର ଭିତରେ କୌଣସି ପ୍ରକାର ପ୍ଲାଷ୍ଟିକ କିମ୍ବା ଅନ୍ୟାନ୍ୟ ଆବର୍ଜନା ନ ପକାଇବାକୁ ଡ. ଦେବତା ପରାମର୍ଶ ଦେଇଥିଲେ।

ପୁରୀ ବ୍ଲୁ ଫ୍ଲାଗ ବିଚ୍‌ର ନୋଡାଲ ଅଫିସର ଅନନ୍ତ କୁମାର ସାହୁ କହିଥିଲେ, ବ୍ଲୁ ଫ୍ଲାଗ ବିଚ୍‌ର ୩୩ଟି କ୍ରାଇଟେରିଆ ରହିଛି। ଏହାକୁ ଆମେ ପୂରଣ କଲେ ସ୍ୱିଡେନର ଏକ ସଂସ୍ଥା ଫି ସ୍ୱୀକୃତି ଦେବ। ଏହି ସ୍ୱୀକୃତି ମିଳିବା ପରେ ବିଭିନ୍ନ ଦେଶର ପର୍ଯ୍ୟଟକମାନେ ପୁରୀ ବେଳାଭୂମି ପ୍ରତି ଅଧିକ ଆକର୍ଷିତ ହେବେ। ଫଳରେ ଆମର ଅର୍ଥନୈତିକ ବିକାଶ ଘଟିବ। କିନ୍ତୁ ଯେଉଁସବୁ ମାନଦଣ୍ଡ ରହିଛି, ତାହାକୁ ପୂରଣ କରିବାକୁ ହେଲେ ଆମକୁ ବେଳାଭୂମି ଓ ସମୁଦ୍ରର ସୁରକ୍ଷା ଦିଗରେ ସଚେତନ ହେବାକୁ ପଡ଼ିବ। ବେଳାଭୂମି ଅବକ୍ଷୟ ରୋକିବାଠାରୁ ଆରମ୍ଭକରି ସ୍ନାନ ପାଇଁ ଏହା କେତେ ସୁରକ୍ଷିତ ଓ ସମୁଦ୍ର ପାଣିର ମାନ ବି ଠିକ୍ ରହିବା ଦରକାର। ତେଣୁ ପ୍ରତ୍ୟେକଙ୍କୁ ଏଥିପାଇଁ ସଚେତନ ହେବାକୁ ପଡ଼ିବ ବୋଲି ଡ. ସାହୁ କହିଥିଲେ। ଏଥିରେ ସିଇଏସ୍‌ର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ, ଓଡ଼ିଶା ଏନ୍‌ଭାଇରନମେଣ୍ଟ ଷ୍ଟଡିଜ୍‌ର ସେକ୍ରେଟାରୀ ଡ. ଜୟକୃଷ୍ଣ ପାଣିଗ୍ରାହୀ, ପ୍ରଫେସର ଗୋପାଳକୃଷ୍ଣ ପଣ୍ଡା ଆଲୋଚ୍ୟ ପ୍ରସଙ୍ଗ ଉପକୂଳ ସଂରକ୍ଷଣ ଉପରେ ବକ୍ତବ୍ୟ ରଖିଥିଲେ। ସହକାରୀ ବନ ସଂରକ୍ଷକ ପ୍ରଶାନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସଭା ପୂର୍ବରୁ ପରିବେଶର ସୁରକ୍ଷା ଓ ସଂରକ୍ଷଣ ବାର୍ତ୍ତା ନେଇ ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ ବନାନୀରୁ ବାହାରି ବେଳାଭୂମି ପର୍ଯ୍ୟନ୍ତ ଆସିଥିଲା।


ଅତିଥିମାନେ ସୁରେଶ ପଟ୍ଟନାୟକଙ୍କୁ ପୂର୍ଣ୍ଣବ୍ରହ୍ମ ସମ୍ମାନରେ ସମ୍ମାନିତ କରୁଛନ୍ତି।

## ସୁରେଶ ପଟ୍ଟନାୟକଙ୍କୁ ପୂର୍ଣ୍ଣବ୍ରହ୍ମ ସମ୍ମାନ

**ପୁରୀ ଅଫିସ,୨୨।୧୨**

ଭକ୍ତ ସାଲବେଗ ପୀଠରେ ରବିବାର ପୂର୍ଣ୍ଣଦାସ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସାରସ୍ୱତ ସାଧକ, କବି ସୁରେଶ କୁମାର ପଟ୍ଟନାୟକଙ୍କୁ ପୂର୍ଣ୍ଣବ୍ରହ୍ମ ସମ୍ମାନ ପ୍ରଦାନ କରାଯାଇଛି। ଆୟୋଜିତ ସଭାରେ ଡ. ଲିଙ୍ଗରାଜ ରଥ, ଡ. ଦିଲୀପ ସେନାପତି ଅତିଥି ଭାବେ ଯୋଗଦେଇ କହିଥିଲେ, ଜଗନ୍ନାଥ ହିଁ ପରମ ଭାଗବତ। ତାଙ୍କୁ ଯେତିକି ଜାଣିହୁଏ, ତା'ଠୁ ଅଧିକା ଜାଣିବାକୁ ବାକି ରହେ। ସେ ପରଂବ୍ରହ୍ମ। ତାଙ୍କ ପାଖରେ ଏକାନ୍ତ ସମର୍ପିତ ହେବା ଜୀବନର ପରମ ଲକ୍ଷ୍ୟ ବୋଲି କହିଥିଲେ। ଏଥିରେ ଅନୁଷ୍ଠାନର ସଭାପତି ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ଦାସ ଉପସ୍ଥିତ ଥିବାବେଳେ ସମ୍ପାଦକ କବି ଶିବସୁନ୍ଦର ମିଶ୍ର ସଭା ସଞ୍ଚାଳନ କରିଥିଲେ । ସଭ୍ୟ ପୁରୁଷୋତ୍ତମ ନନ୍ଦ ଧନ୍ୟବାଦ ଦେଇଥିଲେ। ଏଥିରେ ବହୁ କବି, ସାହିତ୍ୟିକ ଓ ସାରସ୍ୱତ ସାଧିକା ସାଧକ ଯୋଗଦେଇଥିଲେ।

## ସିଏଏକୁ ସ୍ୱଦେଶୀ ଫୋରମ୍‌ର ସମର୍ଥନ



ଶରଧାବାଲିଠାରେ ପୁରୀ ସ୍ୱଦେଶୀ ଫୋରମ୍ ପକ୍ଷରୁ ଆୟୋଜିତ ସମାବେଶ।

**ପୁରୀ ଅଫିସ, ୨୨।୧୨**

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ)କୁ ନେଇ ଏବେ ଦେଶବ୍ୟାପୀ ଆନ୍ଦୋଳନ ଚାଲିଛି। ପୁରୀ ସ୍ୱଦେଶୀ ଫୋରମ୍ ପକ୍ଷରୁ ସିଏଏ ଏବଂ ଏନ୍‌ଆର୍‌ସିକୁ ସମର୍ଥନ କରାଯାଇଛି। ଏ ନେଇ ରବିବାର ଅପରାହ୍ଣରେ ଶରଧାବାଲିଠାରେ ସାମାଜିକ କର୍ମୀ ସଚ୍ଚିଦାନନ୍ଦ ଦାଶଙ୍କ ସଂଯୋଜନାରେ ଏକ ଧନ୍ୟବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପାର ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ଜଗଦ୍ଦେବ, ପୁରୀ ବାର୍ ଆସୋସିଏଶନର ସୁଦର୍ଶା ପଣ୍ଡା ଓ ଆବାହକ ରବୀନ୍ଦ୍ର ସ୍ୱାଇଁ ସିଏଏ ଏବଂ ଏନ୍‌ଆର୍‌ସି କିପରି ଜନବିରୋଧୀ ନୁହେଁ ସେ ସମ୍ପର୍କରେ କହିଥିଲେ। ରାଜନୈତିକ ଆକ୍ରୋଶ ରଖି କେତେକ ମୁଷ୍ଟିମେୟ ସଙ୍ଗଠନ ଯେଉଁଭଳି ହିଂସାତ୍ମକ ବିରୋଧ ପ୍ରଦର୍ଶନ କରୁଛନ୍ତି ତାହା ଆଦୌ ଶୋଭନୀୟ ନୁହେଁ ବୋଲି ସେମାନେ କହିଥିଲେ। ପ୍ରଶାନ୍ତ କୁମାର ଭୂୟାଁ ଧନ୍ୟବାଦ ଦେଇଥିଲେ।

# 'ଛାତ୍ର ଉତ୍ତମ ଚରିତ୍ରବାନ ହେବା ଉଚିତ'


ବାଘମୁଣ୍ଡାସ୍ଥିତ ବାସୁଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ସ୍ୱର୍ଣ୍ଣଜୟନ୍ତୀ ସମାରୋହରେ ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ବ୍ରହ୍ମଗିରି,୨୨।୧୨(ଡି.ଏନ.ଏ)**

ଦେଶଗଠନ ପାଇଁ ଉତ୍ତମ ନାଗରିକର ଆବଶ୍ୟକତା ରହିଛି। ଜଣେ ଉତ୍ତମ ନାଗରିକ ପାଇଁ ଜଣେ ଛାତ୍ର ଉତ୍ତମ ଚରିତ୍ରବାନ ହେବା ଜରୁରୀ। ଉତ୍ତମ ଛାତ୍ର ଗଠନ ପାଇଁ ତା'ର ପରିବେଶ ସେହିପରି ରହିବା ଆବଶ୍ୟକ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବାଘମୁଣ୍ଡାସ୍ଥିତ ବାସୁଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ରବିବାର ଆୟୋଜିତ ସ୍ୱର୍ଣ୍ଣଜୟନ୍ତୀ ସମାରୋହରେ ମୁଖ୍ୟଅତିଥିଭାବେ ରାଜ୍ୟପାଳ ଯୋଗଦେଇ ଏହା କହିଛନ୍ତି। ରାଜ୍ୟପାଳ ପ୍ରଥମେ ସେଠାରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହାପରେ ସଭାକାର୍ଯ୍ୟକୁ ପହଞ୍ଚି ଜଣେ ଉତ୍ତମ ଛାତ୍ର ନିଜକୁ ଉତ୍ସର୍ଗିକୃତ ମନୋଭାବ ନେଇ ଅଧ୍ୟୟନ କଲେ ତା'ର ଚରିତ୍ର ଓ ବ୍ୟବହାରରେ ମାର୍ଜିତ ହୋଇପାରିବ। ସେଥିପାଇଁ ଶିକ୍ଷକ ଓ ଅଭିଭାବଙ୍କ ପରିଶ୍ରମ ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟାନ୍ୟ ଅତିଥିଭାବେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଯୋଗଦେଇ କହିଥିଲେ, ଜଣେ ଛାତ୍ରର ପ୍ରଧାନ ଅସ୍ତ୍ର ହେଉଛି ତା'ର ଚରିତ୍ର । ଦେଶକୁ ଆଗକୁ ନେବାକୁ ହେଲେ ଜଣେ ଚରିତ୍ରବାନ ଛାତ୍ର ସୃଷ୍ଟିହେବାକୁ ପଡ଼ିବ। ସେହିପରି ମନ୍ତ୍ରୀ ଜଗନ୍ନାଥ ସାରକା ଓ ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇଥିଲେ। ପରିଶେଷରରେ ବିଦ୍ୟାଳୟର ସ୍ୱର୍ଣ୍ଣଜୟନ୍ତୀ ବିଶେଷାଙ୍କ ଓ କବି ବିଭୁଦତ୍ତ ଭିକାରୀ ଚରଣ ଜେନାଙ୍କ ଦ୍ୱାରା ରଚିତ ପୁସ୍ତକ 'ବରୁଣରାଜା ଜେମା ଚିଲିକା' ପୁସ୍ତକ ଦ୍ୱୟକୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଶିକ୍ଷା ହିଁ ସମାଜ ଗଠନର ମୂଳଦୁଆ

**ପିପିଲି,(ଡି.ଏନ୍.ଏ):** ପିପିଲି ବ୍ଲକ୍ ଅନ୍ତର୍ଗତ ଦାଣ୍ଡମୁକୁନ୍ଦପୁରସ୍ଥିତ ଗୋପବନ୍ଧୁ ମେମୋରିଆଲ୍ ହାଇସ୍କୁଲର ଶତବାର୍ଷିକ ଉତ୍ସବ ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗଦେଇ ଶିକ୍ଷା ଆହରଣ କରିବା ସହ ତାକୁ କାର୍ଯ୍ୟରେ ଲଗାଇଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷା ହିଁ ସମ୍ପଦ । ଶିକ୍ଷା ହିଁ ସମାଜ ଗଠନର ମୂଳଦୁଆ ବୋଲି ସେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଓପିଏସ୍‌ସିର ପୂର୍ବତନ ଅଧ୍ୟକ୍ଷ ଡ. ସତ୍ୟକାମ ମିଶ୍ର, ଅବସରପ୍ରାପ୍ତ ଆଇଏଏସ୍ ଡ. ଅଲେଖ ଚନ୍ଦ୍ର ପଢ଼ିଆରୀ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରଭାତ ଚନ୍ଦ୍ର ମିଶ୍ର ବିବରଣୀ ପାଠ କରିଥିବାବେଳେ ପୁରାତନ ଛାତ୍ର ସଂସଦର ସମ୍ପାଦକ ପ୍ରକାଶ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ଶରତ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା, ଗ୍ରାମବାସୀ, ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ସାହିତ୍ୟ ପରିମାର୍ଜିତ ହେଲେ ସମାଜ ସୁଦୃଢ଼ ହେବ

**ପୁରୀ ଅଫିସ, ୨୨।୧୨**

ସୃଜନୀ ସାହିତ୍ୟ ସଂସଦ ପୁରୀ ଆନୁକୂଲ୍ୟରେ ଭକ୍ତ ସାଲବେଗ ସମାଧି ପୀଠରେ ଶନିବାର ପୌଷ କବିତା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦ ସଭାପତି ପ୍ରଫେସର କାର୍ତ୍ତିକ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀମନ୍ଦିର ରାଜଗୁରୁ ଅଶୋକ କୁମାର ମହାପାତ୍ର ଯୋଗଦେଇ କହିଥିଲେ, ସମାଜର ହିତ ଲାଗି ସାହିତ୍ୟ ସୃଷ୍ଟି। ସାହିତ୍ୟ ପରିମାର୍ଜିତ ହେଲେ ସମାଜ ସୁଦୃଢ଼ ହେବ। ଶିକ୍ଷାବିତ୍ ଲିଙ୍ଗରାଜ ଦାଶ ଅତିଥି ଭାବେ ଯୋଗଦେଇ ଆଗାମୀ ପିଢ଼ିଙ୍କୁ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ପ୍ରଫେସର ଅଭିମନ୍ୟୁ ଭୂୟାଁ ଓ କବୟିତ୍ରୀ ବିଜୟଲକ୍ଷ୍ମୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂସଦର ଉପସଭାପତି ଅଶୋକ କୁମାର ଆଢ୍ୟ ସ୍ୱାଗତ ଭାଷଣ ଓ ସମ୍ପାଦିକା ହେମାଙ୍ଗିନୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ ପ୍ରଭାକର ମିଶ୍ର, ତୃପ୍ତି ଦାଶ, ଜୟନ୍ତୀ ମହାପାତ୍ର, ମୀରା ମହାନ୍ତି, ଆର୍ତ୍ତତ୍ରାଣ ମାନସିଂ, ହଇକିଶୋର ମଲିକ, ସୁଭାସିନୀ ଧଳ, ରାଧାକୃଷ୍ଣ ପ୍ରଧାନୀ ପ୍ରମୁଖ କବିତା ପାଠ କରିଥିଲେ। ଯୋଗେଶ୍ୱର ପ୍ରହରାଜ ଓ ଭବାନୀ ପ୍ରସାଦ ବଳିୟାରସିଂ କବିତା ସଂଯୋଜନା କରିଥିଲେ।

## ଓଡ଼ିଶା ବିଦ୍ୟୁତ କର୍ମଚାରୀ ଶ୍ରମିକ ସଂଘର ଅଧିବେଶନ


ବାର୍ଷିକ ଅଧିବେଶନରେ ମଞ୍ଚାସୀନ ଅତିଥିମାନେ।

**ପୁରୀ ଅଫିସ, ୨୨।୧୨**

ଓଡ଼ିଶା ବିଦ୍ୟୁତ କର୍ମଚାରୀ ଶ୍ରମିକ ସଂଘର ରାଜ୍ୟସ୍ତରୀୟ ୫୭ତମ ବାର୍ଷିକ ଅଧିବେଶନ ସ୍ଥାନୀୟ ଟାଉନ ହଲ୍ ପରିସରରେ ରବିବାରଠାରୁ ଆରମ୍ଭ ହୋଇଛି। ଏହା ୩ଦିନ ଧରି ଚାଲିବ। ଏହି ଅଧିବେଶନକୁ ଏମ୍‌ପି ପିନାକୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ କର୍ମଚାରୀଙ୍କ ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘ ସଭାପତି ଅକ୍ଷୟ ତ୍ରିପାଠୀ ସଭା କାର୍ଯ୍ୟ ପରିଚାଳନା ଏବଂ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ସଂଘ ପକ୍ଷରୁ ୪ଦଫା ସମ୍ବଳିତ ଦାବିପତ୍ର ଉପସ୍ଥାପନ କରାଯାଇଥିଲା। ଏଥିରେ ଠିକା କର୍ମଚାରୀଙ୍କ ଚାକିରି ନିୟମିତ କରାଯିବା, ୫ହଜାର କର୍ମଚାରୀଙ୍କ ଇପିଏଫ୍ ଟଙ୍କା ଜମା କରାଯିବା, ମୃତ କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ଦେବା ଦାବି ସହ ସେସୁର ଘରୋଇକରଣକୁ ବିରୋଧ କରାଯାଇଛି।

## ଗଣିତ ପ୍ରକଳ୍ପ ପ୍ରଦର୍ଶନ କଲେ ଛାତ୍ରୀଛାତ୍ର


ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

**ପୁରୀ ଅଫିସ, ୨୨।୧୨**

ଭାରତୀୟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜମ୍‌ଙ୍କ ଜନ୍ମଦିବସ ଅବସରରେ ରବିବାର ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଶିଶୁ, ବାଲ ଓ କିଶୋର ବର୍ଗରେ ଗଣିତ ପ୍ରଶ୍ନମଞ୍ଚ, ଗଣିତ ପ୍ରକଳ୍ପ, ଗଣିତ ପତ୍ରବାଚନ, ପଣକିଆ, ସଂଖ୍ୟାର ଓଲଟ ଗଣନ, ବିଭିନ୍ନ ଗାଣିତିକ ସଙ୍କେତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ୫ଶହ ପ୍ରତିଯୋଗୀ ଭାଗ ନେଇଥିଲେ। ଅତିଥି ଭାବେ ଶିକ୍ଷାବିତ୍ ମାନସ ରଞ୍ଜନ ପଣ୍ଡା, ଅଧ୍ୟାପକ ରାଜ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ପ୍ରଧାନାଚାର୍ଯ୍ୟ ଅରବିନ୍ଦ ଦାସ, ଆଚାର୍ଯ୍ୟ ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ହରଚଣ୍ଡିସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ଶିକ୍ଷାବିତ୍ ରଘୁନାଥ ମହାପାତ୍ର, କମିଟି ସମ୍ପାଦକ ପ୍ରଭାକର ଜେନା, ସର୍ବେଶ୍ୱର ବିଶୋଇ, ପ୍ରଧାନାଚାର୍ଯ୍ୟ ସୁରେଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ।

## ଚାଷ ପୂର୍ବରୁ ମାଟି ପରୀକ୍ଷା ଉପରେ ଗୁରୁତ୍ୱ

**ସାକ୍ଷୀଗୋପାଳ, ୨୨।୧୨(ଡି.ଏନ୍.ଏ.)**

ଚାଷଜମିରେ ରାସାୟନିକ ସାର ପ୍ରୟୋଗ କରିବା ଫଳରେ ଦିନକୁ ଦିନ ଏହାର ଉତ୍ପାଦନ ଶକ୍ତି ହ୍ରାସ ପାଇବାରେ ଲାଗିଛି। ପୁରୀ ଜିଲାରେ ୮୦% ଚାଷଜମିର ମାଟି ଅମ୍ଳତା, ୮.୫ ମାଟି ଲୁଣି ଓ ୪.୫ ମାଟି କ୍ଷାରି ଏପରି ମୋଟ ୯୩ ଭାଗ ଚାଷଜମି ଚାଷପାଇଁ ଅନୁପଯୁକ୍ତ ହୋଇଛି। ଫଳରେ ରୋଗ ଓ ପୋକରେ ସଂକ୍ରମିତ ଫସଲରୁ ଉପଯୁକ୍ତ ପରିମାଣର ଉତ୍ପାଦନ ହୋଇ ନ ପାରି ଚାଷୀମାନେ କ୍ଷତିରେ ପଡୁଛନ୍ତି। ଏଣୁ ଚାଷ ପୂର୍ବରୁ ମାଟି ପରୀକ୍ଷା ଓ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ମାଟିର ଜୈବିକ ଉପଚାର କରିବାକୁ ଫୁଲଅଳସା ଗ୍ରାମରେ ଶନିବାର ଅନୁଷ୍ଠିତ କୃଷକ ସଚେତନତା ସଭାରେ ଯୋଗଦେଇ ଜିଲା କୃଷି ଉପନିର୍ଦ୍ଦେଶକ ଏସ୍.ଚନ୍ଦ୍ରଶେଖର ରାଓ ଉପସ୍ଥିତ କୃଷକଙ୍କୁ ପରାମର୍ଶ ଦେଇଛନ୍ତି। ଜିଲା କୃଷି ଅଧିକାରୀ ଅଜୟ କୁମାର ବେହେରା, ସହକାରୀ କୃଷି ଅଧିକାରୀ ହୃଦାନନ୍ଦ ସାମନ୍ତରାୟ, ଶାନ୍ତା ସୁଚରିତା ଦାସ, ଜିଲାପରିଷଦ ସଭ୍ୟ ପ୍ରହଲ୍ଲାଦ ଘଡ଼ୁଆରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଟିଏମ୍ ସୋଲେଶ ଦାସ ଓ କ୍ଷେତ୍ର କୃଷି କର୍ମଚାରୀ ନିବେଦିତା ଦ୍ୱିବେଦୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବେଳାଭୂମିକୁ ସ୍ୱଚ୍ଛ ରଖିବା ପାଇଁ ଆହ୍ୱାନ

**ପୁରୀ ଅଫିସ, ୨୨।୧୨**

ଗେଲ୍ ଇଣ୍ଡିଆ ଲିମିଟେଡ ପକ୍ଷରୁ ରବିବାର ସକାଳେ ଚକ୍ରତୀର୍ଥ ସମୁଦ୍ର ବେଳାଭୂମିରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛତା ହିଁ ସେବା ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ଦେଶବାସୀ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହେଉଛନ୍ତି। ଏଥିରେ କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରଣାଳୟର ସମସ୍ତ ତୈଳ ଓ ଗ୍ୟାସ୍ କମ୍ପାନୀ ସାମିଲ ହୋଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ପୁରୀ ସହରକୁ ସ୍ୱଚ୍ଛ ତଥା ଆବର୍ଜନାମୁକ୍ତ କରିବାର ଲକ୍ଷ୍ୟ ନେଇ ରବିବାର ଗେଲ୍ ଇଣ୍ଡିଆ ଲିମିଟେଡ ପକ୍ଷରୁ ବେଳାଭୂମିରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ବେଳାଭୂମିକୁ ସ୍ୱଚ୍ଛ ରଖିବା ଲାଗି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ବିଧାୟକ କହିଥିଲେ, ପୁରୀରେ କୌଣସି ଶିଳ୍ପ କାରଖାନା ନାହିଁ। ବେଳାଭୂମି ହେଉଛି ଆମ କଳ କାରଖାନା। ଏହା ଉପରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ହଜାର ହଜାର ପରିବାର ନିର୍ଭରଶୀଳ। ବେଳାଭୂମି ହେଉଛି ଆମ ପରିଚୟ ଓ ଜୀବନ ରେଖା। ତେଣୁ ଆମେ ବେଳାଭୂମିକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ଉଚିତ। ପରିବେଶ ସୁସ୍ଥ ରହିଲେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ବିଧାୟକ କହିଥିଲେ। ଏହାପରେ ବିଧାୟକ ଷଡ଼ଙ୍ଗୀଙ୍କ ସମେତ ସହରସ୍ଥ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ସାମାଜିକ ସଙ୍ଗଠନ ସଦସ୍ୟ ଓ ସହରବାସୀ ବେଳାଭୂମି ସଫେଇ କରିଥିଲେ। ଏଥିରେ ତୈଳ ଓ ଗ୍ୟାସ୍ କମ୍ପାନୀର ବରିଷ୍ଠ ଅଧିକାରୀ କେ.ବି. ସିଂ, ପି.ସି. ଚୌବେ, ଗୋପାଳ କୃଷ୍ଣା, ଦୀନବନ୍ଧୁ ସୋରେନ, ଶୁଭଜିତ ଘୋଷ, ଅରୂପ କୁମାର ଭଗବତୀ, ଦେବାଶିଷ ପାଲିତ, ଅଭୟଙ୍କର ଦାଶ ପ୍ରମୁଖ ସାମିଲ ଥିଲେ।

**ସ୍ୱଚ୍ଛ ଭାରତ ଅଭିଯାନ**


ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ଅନ୍ୟମାନେ ଆବର୍ଜନା ସଫେଇ କରୁଛନ୍ତି।

### ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଅସାବଧାନତା

# ଷ୍ଟ୍ରେଚରରୁ ପଡ଼ି ବୃଦ୍ଧାଙ୍କ କାନ୍ଧ ହାଡ଼ ଭାଙ୍ଗିଲା

**ଖୋର୍ଦ୍ଧା ଅଫିସ, ୨୨।୧୨**

ଜଙ୍କିଆ ଥାନା ରମ୍ଭାବିଲି ଗାଁର ନିଶା ମହାପାତ୍ର(୭୫) ରବିବାର ପୂର୍ବାହ୍ନରେ ଲୁଗା ଶୁଖାଇବା ବେଳେ ମୁଣ୍ଡ ବୁଲାଇ ଦେବାରୁ ସେ ପଡି ଯାଇଥିଲେ। ତାଙ୍କୁ ଆହତ ଅବସ୍ଥାରେ ୧୦୮ ଆମ୍ବୁଲାନ୍ସରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍ଏଚ୍)କୁ ଚିକିତ୍ସା ଲାଗି ନିଆଯାଇଥିଲା। ଆମ୍ବୁଲାନ୍ସ କର୍ମଚାରୀମାନେ ଚିକିତ୍ସାଳୟକୁ ନିଶାଙ୍କୁ ଷ୍ଟ୍ରେଚରରେ ନେବା ବେଳେ ଅସାବଧାନତା ବଶତଃ ତଳେ ପଡିଯିବାରୁ ତାଙ୍କ କାନ୍ଧ ହାଡ ଭାଙ୍ଗି ଯାଇଥିଲା। ପୁଣି ମୁହଁ, ଦାନ୍ତ, ପାଟି ତଳେ ମାଡ ହୋଇ ଫୁଲି ଯାଇଥିଲା। ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କର ଟିକିଏ ଅସାବଧାନତା


ଆହତ ନିଶା ମହାପାତ୍ର

କାରଣରୁ ସେ ଗୁରୁତର ହୋଇପଡିଛନ୍ତି। ତେବେ ୧୦୮ ଆମ୍ବୁଲାନ୍ସର କର୍ମଚାରୀ ଓ ଡ୍ରାଇଭର ମଧ୍ୟାହ୍ନ ୧୨ଟାରେ ତରବରିଆ ଭାବେ ଗୁରୁତର ନିଶାଙ୍କୁ ଛାଡି ପଳାଇ ଯାଇଥିଲେ। ଖବରପାଇ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆମ୍ବୁଲାନ୍ସ ଡ୍ରାଇଭରଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ନିଶା ରବିବାର ପୂର୍ବାହ୍ନରେ ଲୁଗା ଶୁଖାଇବାବେଳେ ପଡି ଯାଇଥିଲେ। ସ୍ଥାନୀୟ ଲୋକ ନିଶାଙ୍କୁ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ନିଶାଙ୍କର ଅବସ୍ଥା ଭଲ ନ ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ କେଉଁ ଆମ୍ବୁଲାନ୍ସ ନିଶାଙ୍କୁ ଆଣିଥିଲା ତାହା ଜିଲା ମୁଖ୍ୟ ଚିକିତ୍ସାଳୟର ସିସିଟିଭି ଫୁଟେଜରେ ରହିଛି। ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ସିସିଟିଭି ଯାଞ୍ଚ କଲେ ଉକ୍ତ ୧୦୮ ଆମ୍ବୁଲାନ୍ସକୁ ଚିହ୍ନଟ କରାଯାଇ ପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା

# ଆକର୍ଷଣ ସାଜିଲା ଓଡ଼ିଶୀ, ମାହାରୀ





**ପୁରୀ ଅଫିସ, ୨୨।୧୨**

ସିଂହଦ୍ୱାର ସମ୍ମୁଖରେ ରବିବାର ସକାଳେ ଆୟୋଜିତ ହୋଇଛି ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇ ଆନନ୍ଦ ଉଠାଇଛନ୍ତି। ଏଥର ଆକର୍ଷଣ ସାଜିଥିଲା ଓଡ଼ିଶୀ ଓ ମାହାରୀ ନୃତ୍ୟ। ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଶ୍ରୀଗୀତଗୋବିନ୍ଦ ନୃତ୍ୟରେ ଓଡ଼ିଶୀ ଓ ମାହାରୀ ପରିବେଷଣ ହୋଇଥିଲା। ସେହିପରି ଧର୍ମଗ୍ରନ୍ଥ ପାଠ, ସାମୂହିକ ପ୍ରାର୍ଥନା, ଯୋଗ, ସଂକୀର୍ତ୍ତନ ଆଦି କରାଯାଇଥିଲା। ପ୍ରଥମେ ଶଙ୍ଖଧ୍ୱନି ଓ ବେଦଧ୍ୱନି ସହ ଅରୁଣ ସ୍ତମ୍ଭ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବାବା ସଚ୍ଚିଦାନନ୍ଦ ଦାସ ମହାରାଜ, ମହନ୍ତ ଡ. ରାମଚରଣ ଦାସ, ଶ୍ରୀମନ୍ଦିର ପୁରୋହିତ ପଦ୍ମନାଭ ମହାପାତ୍ର ଓ ପଣ୍ଡିତ ବିଶ୍ୱମ୍ଭର ଦାଶ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହାପରେ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ଶ୍ରୀଜଗନ୍ନାଥାଷ୍ଟକମ୍ ଆବୃତ୍ତି କରିଥିଲେ। ବାବା ସଚ୍ଚିଦାନନ୍ଦ ଦାସ ମହାରାଜ ଧର୍ମଗ୍ରନ୍ଥ ପାଠ କରିବା ଅବସରରେ ଶ୍ରୀମଦ୍ ଭଗବଦ୍ ଗୀତାର ଶ୍ଲୋକ ଶୁଣାଇ ଏହାର ବ୍ୟାଖ୍ୟା କରିଥିଲେ। ପରେ ସାମୂହିକ ପ୍ରାର୍ଥନାରେ ଡ. ନରେଶ ଚନ୍ଦ୍ର ଦାଶ ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆଙ୍କ ରଚିତ ଚକା ନୟନକୁ ପତିତ କେହି... ପ୍ରାର୍ଥନା ଗାନ କରିଥିଲେ। ତାଙ୍କ ସହିତ ଉପସ୍ଥିତ ଶ୍ରଦ୍ଧାଳୁ ମଧ୍ୟ ଏହି ପ୍ରାର୍ଥନା ବୋଲିଥିଲେ। ଫଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଆଲୋକ ଯୋଗ ଗ୍ରୁପ୍ ପକ୍ଷରୁ ଆକର୍ଷଣୀୟ ଯୋଗ ପ୍ରଦର୍ଶନ କରାଯାଇଥିଲା। ଶ୍ରୀଗୀତଗୋବିନ୍ଦ ନୃତ୍ୟ ପରେ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ରାଧାମୋହନ ବିଶୋଇ ଓ ସାଥୀଙ୍କ ପକ୍ଷରୁ ସଂକୀର୍ତ୍ତନ କରାଯାଇ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରାଯାଇଥିଲା। ସମସ୍ତେ ଏହି ପରିକ୍ରମାରେ ସାମିଲ ହୋଇଥିଲେ। ରଙ୍ଗୋଲି ଏବଂ ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟର ଦୁର୍ଗାମାଧବ କର ଓ ଛାତ୍ରୀଛାତ୍ରମାନେ ଚିତ୍ରାଙ୍କନ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶ୍ରୀମନ୍ଦିର କାର୍ଯ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା। ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ଶରତ ଚନ୍ଦ୍ର ମିଶ୍ର ଏବଂ ଓଏସ୍ଡି ଶୁଭ୍ରାଂଶୁ ଶେଖର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨୨ ଗ୍ରାମ ବ୍ରାଉନସୁଗାର ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ):** ବ୍ରାଉନସୁଗାର କାରବାର ଓ ଚୋରା ଚାଲାଣରେ ସଂପୃକ୍ତ ଜଣେ ଅଭିଯୁକ୍ତଙ୍କୁ କ୍ୟୁଏଟି ଏବଂ ଖାରବେଳ ନଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ଜଗତ୍ସିଂହପୁର ମାଛଗାଁ ଅଞ୍ଚଳର ଆଲୋକ ପରିଡା। ସୂଚନା ମୁତାବକ, ଆଲୋକ ଭୁବନେଶ୍ୱର ମସ୍ଜିଦ କଲୋନୀରେ ରହି ସହରର ବିଭିନ୍ନ ଅଞ୍ଚଳରେ ଲୁଚା ଛପାରେ ବ୍ରାଉନସୁଗାର ବେପାର ଚଳାଇଥିଲା। ଏ ନେଇ କ୍ୟୁଏଟି ନିକଟରେ ଖବର ପହଞ୍ଚିବା ପରେ ତାଙ୍କୁ ଧରିବା ପାଇଁ ଯୋଜନା ହୋଇଥିଲା। ଶନିବାର ସନ୍ଧ୍ୟାରେ କ୍ୟୁଏଟି ଓ ଖାରବେଳ ଥାନା ପୋଲିସର ଏକ ମିଳିତ ଟିମ୍ ମସ୍ଜିଦ କଲୋନୀ ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତ ଆଲୋକଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୨୨ ଗ୍ରାମ ବ୍ରାଉନସୁଗାର, ମୋବାଇଲ ଫୋନ ଓ ୧୨ ଶହ ଟଙ୍କା ଜବତ କରିଥିଲା। ଏ ନେଇ ପୋଲିସ ୩୫୨/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ସ୍ପେସ୍ ଆଣ୍ଡ୍ ସ୍ପେସ୍



**ଭୁବନେଶ୍ୱର,୨୨।୧୨(ବ୍ୟୁରୋ)**

ଜାତୀୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ 'ସ୍ପେସ୍ ଆଣ୍ଡ୍ ସ୍ପେସ୍' ରବିବାର ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରୀ ପରିସରରେ ଉଦ୍ଘାଟିତ ହୋଇଯାଇଛି। ପ୍ରଦର୍ଶନୀକୁ ଅଭିନେତା ତଥା ନିକଟରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରାପ୍ତ ମିହିରି ଦାସ ଆନୁଷ୍ଠାନିକଭାବେ ଉଦ୍ଘାଟନ କରିବା ସହ ଚିତ୍ରଶିଳ୍ପୀଙ୍କ ଅନନ୍ୟ କୃତିକୁ ପ୍ରଶଂସା କରିଥିଲେ। ନୋଏଡାସ୍ଥିତ ରଭିସା ଆର୍ଟ ଫାଉଣ୍ଡେଶନ ଓ ନୂଆଦିଲ୍ଲୀର 'କ' ପ୍ରକାଶନ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରଦର୍ଶନୀରେ ଶ୍ରୀରାମ ଗୋହରୀ, ମଧୁମିତା ବର୍ମା, ରବୀନ୍ଦ୍ର ବର୍ମା, ମିନୁ ବର୍ମା, ପ୍ରମୋଦ ବରୁଆ ଓ ନେହା ବର୍ମାଙ୍କ ଭଳି ଜାତୀୟସ୍ତରୀୟ ଚିତ୍ରଶିଳ୍ପୀଙ୍କ ଚିତ୍ରକଳା ସ୍ଥାନୀତ ହୋଇଛି। ଉଦ୍ଘାଟନୀ ଉତ୍ସବରେ ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରୀର ପ୍ରତିଷ୍ଠାତା ତାରାକାନ୍ତ ପରିଡ଼ା, ମହିଳା ଚିତ୍ରଶିଳ୍ପୀ ସୁଚେତା ପ୍ରିୟଦର୍ଶିନୀ, ଡ. ଆଶିଷ ମହାପାତ୍ର, ନରୋତ୍ତମ ଦାସ ପ୍ରମୁଖ ଯୋଗଦେଇଥିଲେ। ଡିସେମ୍ବର ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀ ଅବସରରେ ସୋମବାର ଏକ ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି 'କ'ର ପ୍ରତିଷ୍ଠାତା ବିଜୟ ଶଙ୍କର କହିଛନ୍ତି।

# କୁଆଖାଇ ନଦୀରେ ବୁଡ଼ି ଛାତ୍ର ମୃତ

**ବାଲିଅନ୍ତା,୨୨।୧୨(ଡି.ଏନ୍.ଏ)**

ବାଲିଅନ୍ତା ଥାନା ଅନ୍ତର୍ଗତ ବଇଁଚୁଆ ଗ୍ରାମ ନିକଟ କୁଆଖାଇ ନଦୀରେ ବୁଡ଼ି ରବିବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତସିଂହପୁର ଜିଲା କୋକିପଡ଼ିଆ ଅଞ୍ଚଳର ସୂରଜ କୁମାର ପୃଷ୍ଟି(୧୯)। ସେ ବଇଁଚୁଆ ଗ୍ରାମରେ ଥିବା ମାମୁ ଘରେ ରହି ଆଇଟିଆଇ ପଢୁଥିଲେ। ସୂଚନାଯୋଗ୍ୟ, ରବିବାର ଅପରାହ୍ନରେ ସୂରଜ ସାଙ୍ଗମାନଙ୍କ ସହ ନିକଟସ୍ଥ ଝାଉଁବଣରେ ଭୋଜି କରୁଥିଲେ। ଭୋଜି ଖାଇ ସମସ୍ତେ ନଦୀରେ ଗାଧୋଉଥିବାବେଳେ ସୂରଜ ଗଭୀର ପାଣିକୁ ଚାଲିଯାଇଥିଲେ। ଫଳରେ ସାଙ୍ଗମାନେ ଭୟରେ ସ୍ଥାନୀୟ ଲୋକଙ୍କୁ ଡାକ ପକାଇଥିଲେ। ବହୁ ଖୋଜିବା ପରେ ସୂରଜକୁ ଉଦ୍ଧାର କରି ନିକଟସ୍ଥ ଏକ ଘରୋଇ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ୨ୟ ଶ୍ରେଣୀ ଛାତ୍ରୀକୁ ବଳାତ୍କାର ଉଦ୍ୟମ ଅଭିଯୁକ୍ତ ଥାନାରେ ଅଟକ

**ନିଶ୍ଚିନ୍ତକୋଇଲି, ୨୨।୧୨ (ସ୍ୱ.ପ୍ର.):** ଥମୁନାହିଁ ଲଜ୍ଜା, ସରକାର ଆଇନ ଯେତେ କଡ଼ାକଡି କଲେ ମଧ ଦିନକୁ ଦିନ ବଳାତ୍କାର ମାମଲା ବୃଦ୍ଧି ପାଇବାରେ ଲାଗିଛି। କଟକ ଜିଲା ନେମାଳ ଥାନା ଅଞ୍ଚଳରେ ୨ୟ ଶ୍ରେଣୀରେ ପଢୁଥିବା ଜଣେ ୬ ବର୍ଷର ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ଏନେଇ ରବିବାର ଥାନାରେ ଅଭିଯୋଗ ହେବା ପରେ ମାମଲା (ନଂ.୧୩୩/୧୯) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖାଯାଇଛି। ଅଭିଯୋଗ ଅନୁଯାୟୀ, ନାବାଳିକା ଜଣକ ଶନିବାର ଘରେ ଏକା ଥିବାବେଳେ ନିକଟରେ ରହୁଥିବା ଅଭିଯୁକ୍ତ ତାଙ୍କ ଘରକୁ ଯାଇ ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ପୀଡିତାଙ୍କ ଜଣେ ସମ୍ପର୍କୀୟ ଘରକୁ ପଶିଯିବାରୁ ଅଭିଯୁକ୍ତ ଘର ପଛ ବାଟଦେଇ ଚାଲିଯାଇଥିଲେ। ଏନେଇ ପୀଡିତା ଜେଜେମା'ଙ୍କୁ କହିବା ପରେ ନେମାଳ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୀଡିତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ